ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.111 Bhubaneswar Tuesday June 06 2023 | ୨୬ତମ ବର୍ଷ ସଂଖ୍ୟା–୧୧୧ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୦୬, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ଯାତ୍ରୀଙ୍କ ମୃତଦେହକୁ ମାଗଣାରେ ଘରେ ପହଂଚାଇବେ ଓଡିଶା ସରକାର



ବାଲେଶ୍ୱର, ୫ ।୬(ପି.ଏନ): ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମୃତ ଶରୀରକୁ ଓଡିଶା ସରକାର ନିଜ ଖର୍ଚ୍ଚରେ ସେମାନଙ୍କ ଘରେ ପହଂଚାଇବେ । ଏହାସହିତ ଶବ ଚିହ୍ନଟ ପାଇଁ ଆସୁଥିବା ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ଅସ୍ଥାୟୀ ରହଣୀଠୁ ଆରମ୍ଭ କରି ବିଭିନ୍ନ ହସ୍ପିଟାଲ ଯାଇ ନିଜର ପ୍ରିୟଜନଙ୍କ ମୃତ ଶରୀରକୁ ଚିହ୍ନଟ କରିବା ଓ ସେହି ମୃତ ଶରୀରକୁ ନିଜ ଘରକୁ ନେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଓଡିଶା ସରକାର ବହନ କରିବେ । ଦେଶର ଯେକୌଣସି ଅଂଚଳରେ ସେମାନଙ୍କ ଘର ହୋଇଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହ ମୃତ ଶରୀରକୁ ନେଇ ସେମାନଙ୍କ ଘରେ ପହଂଚାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ମୋଟ ୫୮ଟି ଆମ୍ବୁଲାନ୍ସକୁ ଏବେ ନିୟୋଜିତ କରାଯାଇଛି ।ମିଳିଥିବା ସୂଚନା ଅନୁସାରେ, ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତ ସମସ୍ତ ଯାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚକୁ ଓଡିଶା ସରକାର ବହନ କରିବେ । ନିଜର ପ୍ରିୟଜନଙ୍କ ମୃତ ଶରୀରକୁ ଚିହ୍ନଟ ପାଇଁ ଆସୁଥିବା ସେମାନଙ୍କ ସମ୍ପର୍କୀୟ ରେଳ ଷ୍ଟେସନ ହେଉ ଅବା ବିମାନବନ୍ଦରରେ ପହଂଚିବା ପରେ ରାଜ୍ୟ ସରକାର ମଧ୍ୟ ସେମାନଙ୍କ ସମସ୍ତ ଦାୟିତ୍ୱ ନେବେ । ସେମାନଙ୍କୁ ଆଣି ଅସ୍ଥାୟୀ ରହିବା ସୁବିଧା ଦେବା, ଖାଦ୍ୟ,ପାନୀୟ ସହ ବିଭିନ୍ନ ହସ୍ପିଟାଲକୁ ନେଇ ଶବ ଚିହ୍ନଟ କରାଇବା ଏବଂ ଶେଷରେ ନିଜର ପ୍ରିୟଜନଙ୍କ ଶବକୁ ଧରି ସେମାନଙ୍କ ଗାଁରେ ପହଂଚାଇବା ପାଇଁ ଯାହା ଆବଶ୍ୟକ ତାହା ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ କରିବେ । ଏହି ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ମୃତ ଶରୀରକୁ ସେମାନଙ୍କ ପୈତୃକ ସ୍ଥାନକୁ ନେବା ପାଇଁ ଏବେ ୫୮ଟି ଆମ୍ବୁଲାନ୍ସ ରହିଥିବାବେଳେ ଆବଶ୍ୟକ ପଡିଲେ ଅଧିକ ସଂଖ୍ୟକ ଗାଡିର ବନ୍ଦୋବସ୍ତ ରାଜ୍ୟ ସରକାର କରିବେ ବୋଲି ସୂଚନା ମିଳିଛି । ଏହି ଗାଡି ପରିବହନ ନିମନ୍ତେ ଭୁବନେଶ୍ୱରସ୍ଥିତ ଆରଟିଓଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି । ଏବେସୁଦ୍ଧା ମୋଟ ମୃତକଙ୍କ ମଧ୍ୟରୁ ୧୭୦ଜଣଙ୍କ ଶବକୁ ସେମାନଙ୍କ ସମ୍ପର୍କୀୟମାନେ ଚିହ୍ନଟ କରିଥିବା ଜଣାପଡିଛି ।

## ଆଜି କଟକ ଆସିବେ ମମତା ବାନାର୍ଜୀ

କୋଲକାତା /ଭୁବନେଶ୍ୱର, ୫ ।୬(ପି.ଏନ): ଓଡିଶା ଗସ୍ତରେ ଆସିବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଆସନ୍ତାକାଲି (ମଙ୍ଗଳବାର) ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କଟକ ଓ ଭୁବନେଶ୍ୱର ଗସ୍ତ କରି ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତଙ୍କୁ ଭେଟିବା ସହ ପ୍ରଭାବିତଙ୍କୁ ସହାୟତା ରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଛି ।ସୋମବାର ଦିନ ମମତା ବାନାର୍ଜୀ କହିଛନ୍ତି, କଟକରେ ପଶ୍ଚିମବଙ୍ଗର ୫୩ ଜଣ ଆହତ ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବାକୁ କାଲି କଟକ ଯିବି। ସେଠାରୁ ଭୁବନେଶ୍ୱର ମଧ୍ୟ ଯିବି ଓ ଚିକିତ୍ସା ବ୍ୟବସ୍ଥା ନେଇ କଥା ହେବି ।ଏହି ଦୁର୍ଘଟଣାରେ ପଶ୍ଚିମବଙ୍ଗର ଯେଉଁମାନେ ପ୍ରାଣ ହରାଇଛନ୍ତି, ସେମାନଙ୍କ ପରିବାରର ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସ୍ପେଶାଲ ହୋମଗାର୍ଡ ଚାକିରି ଦିଆଯିବ। ଏହା ସହିତ ସେମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ। ଯେଉଁମାନେ ଏହି ଦୁର୍ଘଟଣାରେ ସଂପୂର୍ଣ୍ଣ ଅକ୍ଷମ ହୋଇଯାଇଥିବେ ସେମାନଙ୍କ ପରିବାରର ଜଣେ ବ୍ୟକ୍ତିଙ୍କୁ ହୋମଗାର୍ଡ ଚାକିରି ଦିଆଯିବ। ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ସାମାନ୍ୟ ଆହତଙ୍କୁ ୫୦ ଓ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆହତ ନହୋଇଥିଲେମଧ୍ୟ ମାନସିକ ଆଘାତ ପାଇଥିବା ଯାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ। ସେହିପରି ସମସ୍ତ ମୃତାହତଙ୍କ ପରିବାରକୁ ମାଗଣା ରାସନ ଦିଆଯିବ ।ଅପରପକ୍ଷରେ ବାହାନଗା ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ମମତା ନାପସନ୍ଦ କରିଛନ୍ତି। ସେ କହିଛନ୍ତି ସିବିଆଇ କ୍ରିମିନାଲ କେସ୍ ତଦନ୍ତ କରେ, ଏହା ଏକ ଆକ୍ସିଡେଂଟ।୨୦୧୨ରେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ ତଦନ୍ତ ନିର୍ଦ୍ଦେଶ ଦେଇଥିଲି।୧୨ ବର୍ଷ ବିତିଲାଣି, ଏଯାବତ ସିବିଆଇ ରିପୋର୍ଟ ଦେଇନି। ତେଣୁ ସିବିଆଇ କ’ଣ ତଦନ୍ତ କରିବବୋଲି ସେ ପ୍ରଶ୍ନ କରିଛନ୍ତି।

## ମନୀଷ ସିସୋଦିଆଙ୍କୁ ମିଳିଲାନି ଜାମିନ, କିନ୍ତୁ ଅସୁସ୍ଥ ପତ୍ନୀଙ୍କୁ ଥରେ ଭେଟି ପାରିବେ



ନୂଆଦିଲ୍ଲୀ,୫ ।୬(ପି.ଏନ): ଦିଲ୍ଲୀ ଅବକାରୀ ନୀତି ମାମଲାରେ ଗିରଫ ହୋଇଥିବା ଆପ୍ ନେତା ମନୀଷ ସିସୋଦିଆଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନି। ସେ ଏହି ମାମଲାରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ହେଁ ଦିଲ୍ଲୀ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ସିସୋଦିଆଙ୍କ ପତ୍ନୀ ଅସୁସ୍ଥ ରହିଛନ୍ତି। ତାଙ୍କର ଦେଖା ଶୁଣା କରିବାକୁ କେହି ନଥିବାରୁ ସିସୋଦିଆ ଜାମିନ ପାଇଁ ଆବେଦନ କରିଥିଲେ। ତଥାପି କୋର୍ଟ ତାଙ୍କୁ ଜାମିନ ଦେଇ ନାହାନ୍ତି।

### ଭୁବନେଶ୍ୱରରେ ମୋଟ ୧୯୩ଟି ପାର୍ଥିବ ଶରୀର ରହିଥିବା ବେଳେ ମଧ୍ୟରୁ ୧୨୪ଟି ଏମ୍ସରେ - ବିଏମସି କମିଶନର

ଭୁବନେଶ୍ୱର, ୫ ।୬(ପି.ଏନ): ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ବାଲେଶ୍ୱର ଜିଲ୍ଲାର ବାହାନଗାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀ ମାନଙ୍କର ମୋଟ ୧୯୩ଟି ପାର୍ଥିବ ଶରୀର ରହିଥିବା ବେଳେ ଏଥି ମଧ୍ୟରୁ ୧୨୪ଟି ଏମ୍ସରେ ରହିଛି । ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଏମ୍ସ ରେ ୫୦ ରୁ ଉର୍ଦ୍ଧ୍ୱ ମୃତ ଦେହଙ୍କ ପରିଚୟ ମିଳିପାରିଛି।୪୭ ଜଣ ମୃତ ଦେହ କୁ ଠିକଣା ଜାଗାରେ ପହଞ୍ଚା ଯାଇଛି।

### କୁଲରେ କ୍ରିକେଟ ବଲକୁ ଛୁଇଁ ଦେଲା ପୁତୁରା, ଦଳିତ ଦାଦାଙ୍କ ଆଙ୍ଗୁଠି କାଟି ଦେଲେ



ଭୁବନେଶ୍ୱର,୫ ।୬(ପି.ଏନ): ଆଜିର ସାମାଜରେ ମଧ୍ୟ ଜାତିଗତ ଭେଦଭାବ ରହିଛି। ଦଳିତମାନଙ୍କ ପ୍ରତି ତଥାକଥିତ ଉଚ୍ଚ ଜାତିର ଲୋକମାନେ ନିଜର କୁତ୍ସିତ ମାନସିକତା ପ୍ରଦର୍ଶନ କରୁଛନ୍ତି। ସମାଜରେ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଏହାର ପ୍ରଭାବ ଆଣି ଲୋକଙ୍କ ଉପରେ ପଡୁ ନଥିବା ଭଳି ମନେ ହେଉଛି।ଏହିକ୍ରମରେ ଗୁଜରାଟର ପଟାନ ଜିଲ୍ଲାରୁ ସମାନ ଘଟଣା ସାମ୍ନାକୁ ଆସିଛି। କିଛି ତଥାକଥିତ ଉଚ୍ଚ ଜାତିର ଲୋକ ଜଣେ ଦଳିତ ବ୍ୟକ୍ତିଙ୍କୁ ମାଡ ମାରିବା ସହ ତାଙ୍କର ଗୋଟିଏ ଆଙ୍ଗୁଠି କାଟି ଦେଇଛନ୍ତି। ଏହି ବ୍ୟକ୍ତିଙ୍କ ପୁତୁରା ସ୍କୁଲରେ ଚାଲିଥିବା ଗୋଟିଏ କ୍ରିକେଟ ମ୍ୟାଚ୍ ବେଳେ କେବଳ ବଲକୁ ଛୁଇଁ ଦେଇଥିଲେ। ବାସ୍ ଏହାକୁ କେନ୍ଦ୍ର କରି ତାଙ୍କର ଦୁଇ ଦାଦାଙ୍କୁ ଉଚ୍ଚ ଜାତିର ଜାତିର ଲୋକମାନେ ମାଡ ମାରିଛନ୍ତି। ଏଥିସହ ଗୋଟିଏ ଦାଦାଙ୍କର ଆଙ୍ଗୁଠି କାଟି ଅମାନବୀୟ ଦଣ୍ଡ ଦେଇଛନ୍ତି।

### ମୃତଦେହ ସଂରକ୍ଷଣ ପାଇଁ ଏମସ୍ ରେ ପହଂଚିଲା କଂଟେନର

ଭୁବନେଶ୍ୱର, ୫ ।୬(ପି.ଏନ): ଭୁବନେଶ୍ୱର ଏମ୍ସରେ ମୃତଦେହ ସଂରକ୍ଷଣ ପାଇଁ ସ୍ଥାନ ଅଭାବ ଦେଖାଦେଇଛି। ଶବ ସଂରକ୍ଷଣ ପାଇଁ ପାରାଦୀପରୁ ୫ଟି କଂଟେନର ଆଣାଯାଇଛି। ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବେ ଏମ୍ସରେ ଆହୁରି ୮୦ଟି ମୃତଦେହ ରହିଛି। ସେଗୁଡ଼ିକୁ ସଂରକ୍ଷଣ ପାଇଁ ଏଠାରେ ଡିପ ଫ୍ରିଜ୍ ର ଅଭାବ ରହିଛି। ତେଣୁ କଂଟେନର ମଗାଯାଇଥିଲା। ପ୍ରତି କଂଟେନରରେ ୩୦ରୁ ୪୦ ମୃତଦେହ ସଂରକ୍ଷିତ ରହିପାରିବ। କଂଟେନରରେ ଦୁଇମାସ ପର୍ଯ୍ୟନ୍ତ ମୃତଦେହ ସଂରକ୍ଷିତ ରଖାଯାଇପାରିବ। ବାହାନଗା ରେଳ ଦୁର୍ଘଟଣା ପରେ ବାଲେଶ୍ୱରରୁ ଭୁବନେଶ୍ୱର ଏମ୍ସକୁ ୧୨୩ ମୃତଦେହ ଆସିଥିଲା। ୪୩ ମୃତଦେହକୁ ସେମାନଙ୍କ ସମ୍ପର୍କୀୟଙ୍କୁ ଚିହ୍ନଟ କରିବା ପରେ ହସ୍ତାନ୍ତର କରାଯାଇଛି। ଏବେ ପ୍ରାୟ ୮୦ ମୃତଦେହ ରହିଛି। ୧୬ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହା ଶୀଘ୍ର ସରିବ ଓ ପରିଜନଙ୍କୁ ହସ୍ତାନ୍ତର କରାଯିବ। କୌଣସି ମୃତଦେହ ଚିହ୍ନଟ ନେଇ ଦ୍ୱନ୍ଦ୍ୱ ଉପୁଜିଲେ ମୃତଦେହର ଡିଏନ୍ଏ ଟେଷ୍ଟ କରାଯିବ। ବାହାର ରାଜ୍ୟର ବିଶେଷଜ୍ଞମାନେ ଏଥିନିମନ୍ତେ ଏଠାରେ ପହଂଚିଛନ୍ତି।

### ଶବ ଚିହ୍ନଟ ପାଇଁ ସରକାର ଙ୍କ ପକ୍ଷରୁ ହେଲ୍ପ ଡେସ୍କ ମାଧ୍ୟମରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି : ଅନୁ ଗର୍ଗ

ଭୁବନେଶ୍ୱର, ୫ ।୬(ପି.ଏନ): ଡାକ୍ତରଖାନାରେ ବାଲେଶ୍ୱର ଜିଲ୍ଲାର ବାହାନଗାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀ ମାନଙ୍କର ଶବ ଚିହ୍ନଟ ପାଇଁ ସରକାର ଙ୍କ ପକ୍ଷରୁ ହେଲ୍ପ ଡେସ୍କ ମାଧ୍ୟମରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ । ସେ କହିଛନ୍ତି ଯେ ପ୍ରତ୍ୟେକ ହସ୍ପିଟାଲ ରେ ଲୋକ ଅଛନ୍ତି। ଶବ ଚିହ୍ନଟ ପାଇଁ ପ୍ରକିୟା ଜାରି ରହିଛି। ସରକାର ଙ୍କ ପକ୍ଷରୁ ହେଲ୍ପ ଡେସ୍କ ମାଧ୍ୟମରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। କିଛି ଅସୁବିଧା ରହିଛି ଯାହା ସଜାଡ଼ିବାକୁ ପ୍ରୟାସ ଜାରି ରହିଛି। ମାସ୍ କାଜୁଆଲଟି ରେ କିଛି ଅସୁବିଧା ରହେ। ଲୋକେ କିଭଳି ହଇରାଣ ନହେବେ ସେଥି ନେଇ ସମସ୍ତ ଅଫିସର, ଭାରତ ସରକାର ଙ୍କ ଅଧିକାରୀ ଏବଂ ରେଳ ବାଇ ର ଅଧିକାରୀ ଚେଷ୍ଟିତ ଅଛନ୍ତି । ଦିଲ୍ଲୀରୁ ଭାରତ ସରକାରଙ୍କ ସ୍ୱତନ୍ତ୍ର ଟିମ ଶବ ସଂରକ୍ଷଣ ପାଇଁ ଆସିଛନ୍ତି । ମୃତଦେହ କୁ କିଛି ଅଧିକ ଦିନ ସଂରକ୍ଷଣ ପାଇଁ ସେମାନେ ଚେଷ୍ଟା କରୁଛନ୍ତି ବୋଲି ସେ କହୁଛନ୍ତି ।

### ରାଜ୍ୟପାଳଙ୍କୁ ଭେଟିଲେ ପଟ୍ଟଚିତ୍ର ଶିଳ୍ପୀ

ଭୁବନେଶ୍ୱର, ୫ ।୬(ପି.ଏନ): ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ତଥା ମହିଳା ଶିଳ୍ପଦ୍ୟୋଗୀ ଶ୍ରୀମତୀ କୃଷ୍ଣପ୍ରିୟା ଆଚାର୍ଯ୍ୟ ସୋମବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ନିଜ ହସ୍ତନିର୍ମିତ ଏକ କଳାକୃତି ଭେଟି ଦେଇଛନ୍ତି ।

### ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା: ଏତଲା ପରେ ମାମଲା ରୁଜୁ କଲା ଜିଆରପି, ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ



ବାଲେଶ୍ୱର,୫ ।୬(ପି.ଏନ):ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣା ନେଇ ଥାନାରେ ଏତଲା। ବାଲେଶ୍ୱର ଜିଆରପି ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି। ବାଲେଶ୍ୱର ଜିଆରପି ଥାନାର ଏସ୍ଆଇ ପପୁ ନାୟକଙ୍କ ପକ୍ଷରୁ ଏତଲା ହୋଇଛି। ରେଲୱେର ଦାୟିତ୍ୱହୀନତା ପାଇଁ ଦୁର୍ଘଟଣା ଘଟିଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଆଇପିସି ଦଫା ୩୩୭, ୩୩୮, ୩୦୪-କ, ୩୪, ରେଲୱେ ଆକ୍ଟ ୧୫୩, ୧୫୪ ଓ ୧୭୫ରେ ମାମଲା ରୁଜୁ ହୋଇଛି। ଡିଏସ୍‌ପି ରଞ୍ଜିତ ନାୟକଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୫ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

### ଏନ୍ଆଇଆର୍ଏଫ୍ ର୍ୟାଙ୍କିଂ : ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬ତମ ସ୍ଥାନରେ କିଟ୍




ଭୁବନେଶ୍ୱର,୫ ।୬(ପି.ଏନ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରତିବର୍ଷ ପ୍ରକାଶ ପାଉଥିବା ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଂ ଫ୍ରେମ୍ ୱାର୍କ (ଏନ୍ଆଇଆର୍ଏଫ୍) ସୋମବାର ପ୍ରକାଶ ପାଇଛି। ଏଥିରେ ଭାରତର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟକୁ ନେଇ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ କିଟ୍ ୪ଟି ସ୍ଥାନ ଉପରକୁ ଉଠି ୧୬ତମ ସ୍ଥାନରେ ରହିଛି। ଗତବର୍ଷ କିଟ୍ ଏହି ତାଲିକାର ୨୦ତମ ସ୍ଥାନରେ ଥିଲା। ଏହା ବ୍ୟତୀତ କିଟ୍‌ର ଅନ୍ୟ ସମସ୍ତ ବିଭାଗ ମଧ୍ୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରିଛନ୍ତି। ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟ ଏହି ଗବେଷଣା ତାଲିକାର ୪୪ରେ ରହି ସମଗ୍ର ଦେଶର ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୫୦ ସ୍ଥାନରେ ରହି ପାରିଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ‘ଧିର ପାଣି ପଥର କାଟେ’। ପ୍ରତିବର୍ଷ ବିଭିନ୍ନ ବିଭାଗରେ କିଟ୍ ତାର ପ୍ରଦର୍ଶନରେ ଉନ୍ନତି ଆଣି ଏକ ଗୁଣାତ୍ମକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି। ତେଣୁ ଏନ୍ଆଇଆର୍ଏଫ୍ ର୍ୟାଙ୍କିଂରେ କିଟ୍‌ର ସ୍ଥାନ ପ୍ରତିବର୍ଷ ଉପରକୁ ଉଠୁଛି। ଏଥିପାଇଁ କିଟ୍‌ର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶ୍ରୀ ସାମନ୍ତ ଏହି ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି।

## ରେଳ ଦୁର୍ଘଟଣାରେ ମୃତକ ତଥା ଅକର୍ମଣ୍ୟ ପରିବାରଙ୍କୁ ଚାକିରି ଦିଆଯାଉ: କଂଗ୍ରେସ

ଭୁବନେଶ୍ୱର, ୫ ।୬(ପି.ଏନ): ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଓ ପଙ୍ଗୁ ହୋଇଯାଇଥିବା ଯାତ୍ରୀଙ୍କ ପରିବାରରୁ ଜଣଙ୍କୁ ଚାକିରି ଦେବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଦାବି କରିଛନ୍ତି। ଏହାସହ ରେଳମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି ପିସିସି ସଭାପତି। ସୋମବାର କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗତ ଶୁକ୍ରବାର ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଯେଉଁ ମର୍ମନ୍ତୁଦ ଓ ହୃଦୟ ବିଦାରକ ରେଳ ଦୁର୍ଘଟଣା ଘଟିଲା ତାହା ହେଉଛି ଏ ଶତାବ୍ଦିର ସବୁଠାରୁ ବଡ଼ ରେଳ ଦୁର୍ଘଟଣା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସରକାର ଜାଣିସୁଣି ପ୍ରକୃତ ମୃତକଙ୍କ ସଂଖ୍ୟାକୁ ଲୁଚାଉଛନ୍ତି। ୨୦୧୨ ମସିହା ଉପା ସରକାର ସମୟରେ ରେଳ ଦୁର୍ଘଟଣା ନିରୋଧ ଯନ୍ତାଂଶକୁ (ଆଂଟି କୋଲିଜନ ଡିଭାଇସ) ବିକଶିତ କରାଯାଇଥିଲା। ୨୦୧୪ ପରେ ନରେନ୍ଦ୍ର ମୋଦି ଏହାର ନାମକୁ ପରିବର୍ତ୍ତନ କରି କବଚ ବୋଲି ପ୍ରଚାର କରି କହିଥିଲେ କବଚ ଦ୍ୱାରା ଭାରତବର୍ଷର ରେଳ ଦୁର୍ଘଟଣା ଆଉ ହେବ ନାହିଁ। ଧନଜୀବନ କ୍ଷତି ହେବ ନାହିଁ। କିନ୍ତୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହି ୯ବର୍ଷରେ ାତ୍ର ୩୭୩ କୋଟି ଟଙ୍କା ବଜେଟର ଅର୍ଥ ବ୍ୟୟବରାଦ କରିଛନ୍ତି କବଚର କାର୍ଯ୍ୟକାରୀ ପାଇଁ। କିନ୍ତୁ ଏ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲୱେ କିମ୍ବା ଦକ୍ଷିଣ ପୂର୍ବ ରେଳ ବିଭାଗରେ ଗୋଟିଏବି ଟ୍ରାକରେ କବଚ ଲଗାଯାଇ ନାହିଁ। ଦୁଇ ଦିନ ପୂର୍ବରୁ ଖୋଦ ରେଳମନ୍ତ୍ରୀ ଘୋଷଣା କରି କହିଲେ ତଦନ୍ତ ଶେଷ ହେଲା, ଦୋଷୀ ଚିହ୍ନଟ ହୋଇ ସାରିଲା ଏବଂ ଦୋଷର କାରଣ କ୍ରାକର ଇଂଟରଲକିଂର ଫେଲୱର କଥା କୁହାଗଲା କିନ୍ତୁ ୮-୧୦ ଘଂଟା ନପୁରୁଣୁ ଏ କଥାକୁ ବଦଳାଇ ଦିଆଗଲା ଏବଂ ସିବିଆଇ ଦ୍ୱାର ଏହାର ତଦନ୍ତ କରାଯିବାକୁ କେନ୍ଦ୍ର ସରକାର ନିଷ୍ପତି ନେଲେ ବୋଲି ଘୋଷଣା କରାଗଲା। ଭାରତବର୍ଷର ଇତିହାସରେ ରେଳଦୁର୍ଘଟଣାରେ ପ୍ରଥମଥର ପାଇଁ ସିବିଆଇକୁ ଇନକ୍ୱାରୀ କରିବାକୁ ଦିଆଯାଉଛି। ଏଥିରେ କ’ଣ କ୍ରାଇମ ରହିଛି ? ଏ କ୍ରାଇମ ସିଣ୍ଡିକେଟ ବାବଦରେ ମନ୍ତ୍ରୀଙ୍କ ପାଖରେ କିଛି ତଥ୍ୟ ରହିଛି କି ? ଜାଣିସୁଣି ଏ ଦୁର୍ଘଟଣାର ମୁଖ୍ୟ ଦୋଷୀ ଏବଂ କାରଣକୁ ଚପାଇଦେବା ଉଦ୍ଦେଶ୍ୟରେ ଏହା ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କର ଏକ ବୃହତ ଷଡ଼ଯନ୍ତ୍ର ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ଦାବି କରି କହିଛନ୍ତି ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବା ସହିତ ମୃତକଙ୍କ ପରିବାର ତଥା ଗୁରୁତ୍ୱର ଆହତ ଓ ପଙ୍ଗୁ ପରିବାରଙ୍କୁ ସରକାରୀ ଚାକିରୀ ଦେବାପାଇଁ ଦାବି କରିଛନ୍ତି ତତ୍ ସହିତ ଏଭଳି ଏକ ରେଳ ଦୁର୍ଘଟଣାର ଦାୟୀତ୍ୱ ନିଜେ ରେଳମନ୍ତ୍ରୀ ନେଇ ସେ ଶୀଘ୍ର ଇସ୍ତଫା ପ୍ରଦାନ କରନ୍ତୁ। ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଲେ ଯେ ବାହାନଗା ରେଳଦୁର୍ଘଟଣା ଏକ ମନୁଷ୍ୟକୃତ ବିପତି। ରେଳମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଶହ ଶହ ଯାତ୍ରୀ ପ୍ରାଣହରାଇଲେ। ଏଥିପାଇଁ ସେ ମୁଖ୍ୟତଃ ଦାୟୀ। କେବଳ ଏହି ଦୁର୍ଘଟଣା ପାଇଁ ଜଣେ ସିଗ୍ନାଲମ୍ୟାନଙ୍କୁ ଦାୟୀକରି ତାକୁ ଦଣ୍ଡ ଦେବା ଯଥେଷ୍ଟ ନୁହେଁ। ଖୋଦ ରେଳମନ୍ତ୍ରୀ ଏହାର ଉତର ଦାୟିତ୍ୱ ନେବେ କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ରେଳମନ୍ତ୍ରୀ ନିଜ ପଦବୀରୁ ତୁରନ୍ତ ଇସ୍ତଫା ପ୍ରଦାନ କରିବା କଥା। କିନ୍ତୁ ମୋଦି ସରକାର ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳୁନାହିଁ କାହିଁକି ? ସାଧୁତା ଓ ଉତର ଦାୟୀତ୍ୱ ଏଣୁ ପ୍ରଦେଶ କଂଗ୍ରେସ ତାଙ୍କର ଇସ୍ତଫା ଦାବି କରୁଛି। ସେହିପରି ରାଜ୍ୟ ସରକାର ଚିକିତ୍ସା ସହାୟତା କ୍ଷେତ୍ରରେ ଅଧିକ ଦକ୍ଷତା ପଦର୍ଶନ କରିପାରିଲେ ନାହିଁ ଯେହେତୁ ସୋରୋ ଓ ବାଲେଶ୍ୱରରେ ଡାକ୍ତର ପାରା ମେଡିକାଲ ଷ୍ଟାଫ ପଦବୀ ଖାଲି ପଡ଼ିଛି। ସମଗ୍ର ରାଜ୍ୟରେ ଅନୁରୂପ ସ୍ଥିତି। ଯଦି ସବୁ ଡାକ୍ତରଖାନାରେ ଡାକ୍ତର ଥାଆନ୍ତେ ଅଧିକ ଜୀବନ ରକ୍ଷା କରାଯାଇ ପାରିଥାନ୍ତା। ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ପ୍ରଧାନମନ୍ତ୍ରୀ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରି କହିଲେ ଯେ ଦୋଷୀକୁ କୋଠର ଦଣ୍ଡ ଦିଆଯିବ କାହାକୁ ଛଡ଼ାଯିବ ନାହିଁ। ତେଣୁ ପ୍ରଥମ କର୍ତ୍ତବ୍ୟ ଓ କାର୍ଯ୍ୟ ଦକ୍ଷତାର ଚରମ ଅବହେଳା ପାଇଁ ରେଳମନ୍ତ୍ରୀଙ୍କ ବରଖାସ୍ତ କରନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଉପସ୍ଥିତ ଥିଲେ।

### ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ୧୨୦୮ ଆହତଙ୍କ ଭିତରୁ ଡିସ୍‌ଚାର୍ଜ ହେଲେଣି ୧୦୦୯; ୧୯୮ ଚିକିତ୍ସାଧୀନ



ଭୁବନେଶ୍ୱର,୫ ।୬(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେଶନ୍ ନିକଟରେ ଘଟିଯାଇଥିବା ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ମୋଟ ୧୨୦୭ ଜଙ୍କ ଭିତରୁ ଅନେକ ସରକାରୀ ଓ କିଛି ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସା ପରେ ୧୦୦୯ ଜଣଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି। ଏବେ ମୋଟ ୧୯୮ ଜଣ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ଏହା ଭିତରୁ ଜଣଙ୍କ ଅବସ୍ଥା ସ୍ଥିର ରହିଛି। ତାଙ୍କୁ କ୍ରିଟିକାଲ କେୟାର ୟୁନିଟ୍‌ରେ ରଖାଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ଆଜି ସୂଚନା ଦିଆଯାଇଛି ।ସେପଟେ ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଦେଖି ପ୍ରଶାସନିକ ଅଧିକାରୀମାନେ ପ୍ରଶଂସାରେ ସତମୁଖ ହୋଇପଡିଛନ୍ତି।








# ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି। ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା। ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ। ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି। ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା। ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡ଼ିଥିବା ଚିଠିକୁ ତା’ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା। ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡ଼ିକ ମଧ୍ୟ ମିଳିଥିବା ଜଣାପଡ଼ିଛି।

# ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି। ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ। କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ। ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି। ବୈଦିକ ଭାଷାରେ – ‘ଅଗ୍ନୀ ମିଳେ ପୁରୋହିତଂ’ ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା। ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି। କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ। ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର। ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ। ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ। ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ। ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ। ଦୃଷ୍ଟହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା। କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭ଼ି ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା। କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି। ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ। ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ। ପରେ ଏହା ସହିତ ଜଡ଼ିତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ। ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ। ଶିଖାଯାଇପାରେ। ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି। ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ। ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ। ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି। ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର। ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ। ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ। ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି। ଏଡି ମାମଲାରେ ପିଲାଟିର ମା’ କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ। ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି।

# ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

# ମୋ ପରି ଶରୀର ସମସ୍ତଙ୍କ ମିଳେନି



ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କିଛି ଦିନ ପୂର୍ବରୁ ତାଙ୍କ ସିନେମା ‘ୱାଜା ତୁମ ହୋ’ ହୋଇଛି ରିଲିଜ୍। ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି। ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି। ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି। ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ। ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି। କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ। କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି। ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି। ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ। ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି। ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ। ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ। ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମରନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି। ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ। ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ। ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ। ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ। ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଷେଷଜ୍ଞ ହିରୋମି ନାକାରୁମି କହିଛନ୍ତି। ଏହାବ୍ୟତୀତ ଡାଇବେଟିସ୍ ଓ ଲୋ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁନ ୦୬

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ



ଡକ୍ଟର ଶ୍ରୀମତୀ ଦୀପା ନାଗ୍

ଓଡ଼ିଶାର ଅନ୍ୟତମ ମର୍ଯ୍ୟଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖୁବ୍ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

*ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,*
*ମଧୁସୂଦନ ରୋଡ଼, କଟକ,*
*ଦୂରଭାଷ : ୯୪୩୮୩୬୫୭୦୨*

# କରମଣ୍ଡଳର କରାଳ ବିଭିଷୀକା



ଉମାଶଙ୍କର ପ୍ରସାଦ

ସଭ୍ୟତାର ଅଗ୍ରଗତି ସହିତ ବିଶ୍ୱରେ ବିଜ୍ଞାନର ଅଶେଷ ଅଗ୍ରଗତି ହୋଇଛି ଏହା ସତ୍ତ୍ୱେ ଦେଶରେ ଅହରହ ବିଭିନ୍ନ ଦୁର୍ଘଟଣା ହେବାରେ ଲାଗିଛି। କୌଣସି ଦୁର୍ଘଟଣାରେ ମଣିଷର ହାତ ନଥାଏ, କିନ୍ତୁ କାଳର ଗତି ବଡ ବିଚିତ୍ର କାହାର କେତେବେଳେ ସମୟ ଆଗତ ହେବ ସେ କାଳର ଗ୍ରାସ ହେବ ତାହା ଆକଳନ କରିବା ମନୁଷ୍ୟର ସାମର୍ଥ୍ୟର ବାହାରେ। ଏ ଯେପରି ତିନଦିନ ତଳେ ବାଲେଶ୍ୱର ର ବାହାନଗା ଠାରେ କରମଣ୍ଡଳ ର କରାଳ ଗତି ଶତାଧିକ ପରିବାରର ଅନେକ ବାପା, ମା, ଭାଇ, ଭଉଣୀ, ପୁଅ, ଝିଅ ଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇ ଉକ୍ତ ପରିବାରକୁ ସର୍ବଶ୍ୱାନ୍ତ କରିଦେଇଛି। କେତେ ହୋଇଛନ୍ତି ମା ଛେଉଣ୍ଡ, କେତେ ବାପା ଛେଉଣ୍ଡ। ବାର୍ଷିକ ୧.୫ ଲକ୍ଷ ଲୋକ ଭାରତରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଯଦି ଆଭରେଜ ହିସାବକୁ ନିଆଯାଏ ତେବେ ପ୍ରତ୍ୟହ ୧୧୩୦ ଦୁର୍ଘଟଣା ଘଟୁଥିବା ବେଳେ ୪୨୨ ଜଣଙ୍କର ପ୍ରତ୍ୟେକ ଦିନ ମୃତ୍ୟୁ ହେଉଥିବା ବେଳେ ପ୍ରତ୍ୟେକ ଘଣ୍ଟାରେ ୧୮ ଜଣ ଦୁର୍ଘଟଣା ଜନିତ ମୃତ୍ୟୁ କବଳରେ କବଳିତ ହେଉଛନ୍ତି। ଯଦି ରେଳ ଦୁର୍ଘଟଣାର ପରିସଂଖ୍ୟାନକୁ ଦେଖାଯାଏ ତେବେ ୨୦୨୧ ରେ ଭାରତରେ ୧୭,୯୯୩ ଟି ରେଳ ଦୁର୍ଘଟଣା ଘଟି ୧୬,୪୩୧ ଜଣ ମୃତ୍ୟୁ ବରଣ କରିଛନ୍ତି ବୋଲି ନ୍ୟାସନାଲ କ୍ରାଇମ ରେକର୍ଡ କହେ। ଭାରତରେ ସବୁଠାରୁ ୫ଟି ବଡ ରେଳ ଦୁର୍ଘଟଣା ଘଟିଛି ଯାହାହେଲା ୧- ବିହାର ରେଳ ଦୁର୍ଘଟଣା ମୃତ୍ୟୁ-୭୫୦ ରୁ ଅଧିକ, ୨- ଫିରୋଜାବାଦ ରେଳ ଦୁର୍ଘଟଣା- ମୃତ୍ୟୁ ୩୮୫, ୩—ଓଙ୍ଗିଶା ରେଳ କ୍ରାସ୍ ମୃତ୍ୟୁ୨୯୫, ୪- ଗଇଶାଲ ରେଳ ଦୁର୍ଘଟଣା ମୃତ୍ୟୁ- ୨୮୫, ୫-ଖାନା ରେଳ ଦୁର୍ଘଟଣା- ମୃତ୍ୟୁ ୨୧୨। ଏହିପରି ଅନେକ ରେଳ ଦୁର୍ଘଟଣା ଘଟି ଅନେକ ନୀରିହ ଜୀବନ ସାଙ୍ଗକୁ ଅହେତୁକ କ୍ଷତି ଘଟିଛି। ଏହି ସବୁ ଦୁର୍ଘଟଣା ଅନେକ କାରଣରୁ ଘଟିଥାଏ, ଯାହାହେଲା:-ହେଡ ଅନ୍ କୋଲିଜନ, ରିଅର ଏଣ୍ଡ କୋଲିଜନ, ସାଇଡ କୋଲିଜନ୍, ଟ୍ରାକ ଭେନ୍ଡାଲିଜିମ୍, ଫାୟାର ଏକ୍ସପ୍ଲେଜନ, ମେକାନିକାଲ ଜନିତ ଏବଂ ରୋଲିଙ୍ଗ ଷ୍ଟାକ୍ ଇତ୍ୟାଦି। କିନ୍ତୁ ଯଦି ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣାକୁ ବିଚାରକୁ ନିଆଯାଏ ତେବେ ଏହା ରେଳ ବିଭାଗର ଅପାରଗତାର ସ୍ପଷ୍ଟ ଚିତ୍ର ପ୍ରତିପାଦିତ କରିଥାଏ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଆମ କେନ୍ଦ୍ର ସରକାର 'ଆଜାଦ୍ କା ଅମୃତ ମହୋତ୍ସବ' ପାଳନ କରିବା ସହ ରାଜ୍ୟବାସୀ ଙ୍କୁ 'ବୁଲେଟ ଟ୍ରେନର' ସୁନେଲି ସ୍ୱପ୍ନ ଦେଖାଉଥିବା ବେଳେ ରେଳ ବିଭାଗରେ ଥିବା ବିଭିନ୍ନ ଜିନିଷ ପଦାର୍ଥର ରକ୍ଷଣା ବେକ୍ଷଣ ଠିକ୍ ଭାବରେ ହେଉନଥିବାର ଅନେକ ଅଭିଯୋଗ ହୋଇଛି। କିନ୍ତୁ ତା ସତ୍ତ୍ୱେ ଆମ ମୋଦୀ ସରକାର ଦେଶରେ ତଥା ରାଜ୍ୟରେ ବୁଲେଟ ଟ୍ରେନ ଚଳାଇବାର ଭେଳିକି ଦେଖାଉଛନ୍ତି। ଆଜିର ଏକବିଂଶ ଶତାବ୍ଦୀରେ ଟେକ୍ନୋଲଜି ଅହେତୁକ ପ୍ରଗତି କରିଥିଲା ବେଳେ ଏଭଳି ଦୁର୍ଘଟଣା କାହିଁକି ଘଟୁଛି ତାହା ଏକ ପ୍ରଶ୍ନବାଚୀ? ବର୍ତ୍ତମାନ ପରିସଂଖ୍ୟାନ କହେ ରେଳ ବିଭାଗରେ ୧ଲକ୍ଷ ୨୦ ହଜାର ସିକ୍ୟୁରିଟି ଷ୍ଟାଫ ନାହାନ୍ତି ଯେଉଁମାନେ ଟ୍ରାକ୍, ସିଗନାଲ ଇତ୍ୟାଦିର ନିରୀକ୍ଷଣ କରିଥାନ୍ତି। ତଥାପି ବିଭାଗୀୟ ମନ୍ତ୍ରୀ ଛାତିଫୁଲାଇ ନିଜ ବିଭାଗର ବଡିମା ଗାଇବାରେ ଲାଗିଚନ୍ତି। ବର୍ତ୍ତମାନ ଆମର ରେଳମନ୍ତ୍ରୀ ଅଶିନୀ ବୈଷ୍ଣବ ୪ଟି ବିଭାଗର ମନ୍ତ୍ରୀ। ବିଶେଷ ଭାବରେ ଯାହା ଦେଖାଦେଇଛି ବର୍ତ୍ତମାନ ଅଶ୍ୱନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ଙ୍କ ପ୍ରଚାର ମନ୍ତ୍ରୀ ଭାବେ ନିଜର କାର୍ଯ୍ୟ କରିଚାଲିଛନ୍ତି। ଆମ ଦେଶରେ ଜଣେ ପୂର୍ଣ୍ଣକାଳୀନ ରେଳମନ୍ତ୍ରୀ ନାହାନ୍ତି। ଅଶ୍ୱିନୀ ବାବୁଙ୍କୁ ସାହାଯ୍ୟ କରିବା ପାଇଁ କେହି ରାଷ୍ଟ୍ରମନ୍ତ୍ରୀ ନାହାନ୍ତି। ଅଶ୍ୱିନୀ ବାବୁ ପ୍ରଧାନ ମନ୍ତ୍ରୀ କେଉଁଠି ୫କିଲୋମିଟର ରେଳ ଲାଇନ ଚଳାଚଳ ପାଇଁ ପ୍ରଧାନ ମନ୍ତ୍ରୀ କିପରି ନୀଳ ଝଣ୍ଡା ଦେଖାଇବେ ସେଥିରେ ବ୍ୟସ୍ତ। ଅଶ୍ୱିନୀ ବାବୁଙ୍କ ସମୟରେ ଏହି ରେଳ ଦୁର୍ଘଟଣା ଘଟି ୩୦୦ ରୁ ଅଧିକ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୦୦ ରୁ ଅଧିକ ରେଳଯାତ୍ରୀ ଆଘାତ ପ୍ରାପ୍ତ। ଆମ ସମ୍ବିଧାନ ର ଆର୍ଟିକିଲ -୨୧ କହେ ଭାରତର ପ୍ରତ୍ୟେକ ଜନତାଙ୍କ ଜୀବନ ସୁରକ୍ଷା କରିବା ଭାରତ ସରକାରଙ୍କ ଦାୟୀତ୍ୱ। ପ୍ରତ୍ୟେକ ଦିନ ୨୧ ଲକ୍ଷ ଯାତ୍ରୀ ରେଳରେ ଯାତାୟତ କରିଥାନ୍ତି , ସେମାନଙ୍କ ଧନ ଜୀବନ ର ସୁରକ୍ଷା ଦାୟୀତ୍ୱ ଭାରତ ସରକାରଙ୍କର। କିନ୍ତୁ ତାହା ଆମର ଭାରତ ସରକାର କିପରି ନେଉଛନ୍ତି ପାଠକେ ବିଚାର କରିବେ। ଗତ ୫ ବର୍ଷ ଭିତରେ ଡିରେଲମେଣ୍ଟ ଘଟି ଚାଲିଛି। ତାହାର କାରଣ ଓ ପ୍ରତିକାର ପାଇଁ ସରକାର କଣ କରୁଛନ୍ତି। ଯେଉଁ ଅବସ୍ଥା ୯୦ ଦଶକରେ ଥିଲା ଏବେମଧ୍ୟ ସେହି ଅବସ୍ଥା ଅଛି। ଆମ ରେଳମନ୍ତ୍ରୀଙ୍କର ଆନ୍ତରିକ ଇଚ୍ଛା ରେଳବିଭାଗକୁ ଘରୋଇକରଣ କରି ଆମ୍ବାନୀ, ଆଦାନୀ ଭଳି ବାବୁଙ୍କୁ ଟେକିଦେଇ ଜନସାଧାରଣ ଙ୍କ ଧନ ଜୀବନର ସୁରକ୍ଷାର ଭାର ରୁ ମୁକ୍ତ ହେବା। ବଡ ଦୁଃଖର ବିଷୟ ୨୦୧୪ ମସିହାରେ ମୋଦୀ ସରକାର ଆସିବାପରେ ରେଳବଜେଟକୁ ଉଚ୍ଛେଦ କରିଦେଇଥିଲେ। ରେଳ ବିଭାଗ ନିଜର ସ୍ୱତନ୍ତତା ହରାଇ ଅର୍ଥ ବିଭାଗର ହାତଟେକା ଅର୍ଥ ଉପରେ ନିର୍ଭର କରେ। ଆମ ପ୍ରଧାନ ମନ୍ତ୍ରୀ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ସ୍ଥାନକୁ ଯାଇ ଏହି ରେଳ ଦୁର୍ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ କରାହେବ ବୋଲି କହିଥିଲେ। ତତ୍ ସହିତ ସେଠାର ଲୋକାଲ ଜନସାଧାରଣ ତଥା ସ୍ୱେଚ୍ଛାସେବୀ ମାନେ ଯେଉଁପ୍ରକାରେ ରାତିଦିନ ଖିଆ,ପିଆ ଛାଡି ଦୂର୍ଘଟଣା ଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରିଥିଲେ , ପ୍ରଧାନମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନବାବୁ ଘଣ୍ଟାକ ଭିତରେ ପହଂଚି ରୋଗୀ ସ୍ଥାନାନ୍ତରିତ ପାଇଁ ୧୦୦ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହିତ ଚକିତ୍ସିତ ରୋଗୀମାନଙ୍କ ପାଇଁ ରକ୍ତ ବ୍ୟବସ୍ଥା କରିବା ସହିତ ବିବିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ଅବସ୍ଥା ବିଷୟରେ ବୁଝିଥିବା ବେଳେ ପ୍ରଧାନମନ୍ତ୍ରୀ ସୌଜନ୍ୟତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ଭୁଲିଗଲେ। ବର୍ତ୍ତମାନ ରେଳଭିଭାଗ ରୁ ମିଳିଥିବା ତଥ୍ୟ କହେ ସିଗନାଲ ଫେଲିଓର ଯୋଗୁ ଏହି ଘଟଣା ଘଟିଥିଲା। ତେବେ ସିଗନାଲ ଫେଲ ହେଲା କାହିଁକି ଏଥିପାଇଁ ଦାୟୀ କିଏ? କାହା ଉପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ? ଏହି ଘଟଣାର ସି.ବି.ଆଇ ତଦନ୍ତ ପାଇଁ ନିର୍ଦ୍ଦେଷ ଦେଇଛନ୍ତି। ଏହି ଯାଂଚ ରିପୋର୍ଟ ଆସିଲା ବେଳକୁ ଆମ ଲୋକ ଏ ଘଟଣାକୁ ଭୂଲିଯାଇଥିବେ। କରମଣ୍ଡଳ ଟ୍ରେନ ରେ ସୁରକ୍ଷା କବଚ ଥିଲ କି ବୋଲି ପ୍ରଶ୍ନ କରିଥିଲେ ୱେଷ୍ଟ ବେଙ୍ଗଲର ମୁଖ୍ୟମନ୍ତ୍ରୀ କାରଣ ଯଦି ଥାନ୍ତା ତେବେ ଏହା ୪୦୦ ମିଟର ପୂର୍ବରୁ ରହିଥାନ୍ତା। ୨୦୨୨ ରେ ରେଳମନ୍ତ୍ରୀ କହିଥିଲେ ପ୍ରଧାନମନ୍ତ୍ରୀ ପୁରା ରେଳ ସିଷ୍ଟମ ରେ କବଚ ଲାଗିବ ବୋଲି ଦୃଢତା ପ୍ରକାଶ କରିଥିଲେ। ମାତ୍ର ୨୦୨୨-୨୩ ରେ ୨୨ କୋଟି ରେଳକବଚ ପାଇଁ ଖର୍ଚ୍ଚର ଆକଳନ ହୋଇଛି। ଏକ ଲକ୍ଷ କୋଟି ଟଙ୍କା ରେଳକବଚ ପାଇଁ ଦରକାର ଥିବାବେଳେ ସରକାର ୫୦୦ କୋଟି ଖର୍ଚ୍ଚ ମଧ୍ୟ କରିପାରି ନାହାନ୍ତି। ତେଣୁ ଆମ ରେଳ ବିଭାଗ କେବଳ ଏଭଳି ଯୋଗ୍ୟ ମନ୍ତ୍ରୀ ତଥା ବରିଷ୍ଠ ରେଳ ଟେକ୍ନିସିଆନ ମାନଙ୍କୁ ନେଇ ଚାଲିଛି! ବର୍ତ୍ତମାନ ରେଳ ବିଭାଗରେ ଅନେକ ବରିଷ୍ଠ ପଦବୀ ଖାଲି ପଡିଛି। ପୂରା ରେଳ ସିଷ୍ଟମ କଳୁଷିତ ହୋଇଯାଇଛି। ଏହି ବିଭାଗର ମା ବାପା କେହି ନାହାଁନ୍ତି। ତେବେ ସେ ଯାହା ହେଉନା କାହିଁକି ଆମ ରେଳମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଚାଟୁକାର ନୀତି ଛାଡି ନିଜ ବିଭାଗର କିପରି ବିକଶିତ ହେବ ସେଥିପ୍ରତି ଦୃଷ୍ଟି ଦେବା ଦରକାର। ସେ ଏହି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ ପାଇଁ ଘୋଷଣା କରିଦ୍ୱବା ବେଳେ, ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର କୁ ୨ ଲକ୍ଷ ଟଙ୍କାର ସାହାଯ୍ୟ ଦେବାପାଇଁ ଘୋଷଣା କରିଚନ୍ତି। ଏବଂ ଆହାତ ହୋଇଥିବା ବ୍ୟକ୍ତିମାନଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଦେବାପାଇଁ ମଧ୍ୟ ଘୋଷଣା କରିଛନ୍ତି। କିନ୍ତୁ ଏ ରାଶି କ'ଣ ମୃତକଙ୍କ ପରବାରର କ୍ଷତିକୁ ଭରଣା କରିବ? ଅତିତର ପୃଷ୍ଠା କହେ ଯେତେବେଳେ ଜବାହାରଲାଲ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ରେଳ ଦୂର୍ଘଟଣା ଘଟିବାରୁ ମାନ୍ୟବର ରେଳମନ୍ତ୍ରୀ ଶାସ୍ତ୍ରୀ ନିଜର ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। ସେହିପରି ମଧୁ ଦଣ୍ଡବତେ, ଜର୍ଜ ଫର୍ଣ୍ଣାଡିଶ୍ ,ନୀତିଶ କୁମାର ମଧ୍ୟ ଏହି ରେଳ ଦୁର୍ଘଟଣା ଜନିତ କାରଣରୁ ନିଜ ପଦବୀରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିଦ୍ୱଲେ। ଆମେ ମାନ୍ୟବର ମନ୍ତ୍ରୀଙ୍କର ଇସ୍ତଫା ଚାହୁନୁ ମାତ୍ର ଦେଶର ନାଗରିକ ହିସାବରେ ସମ୍ବିଧାନର ଧାରା ୨୧ ଅନୁଯାୟୀ ଦେଶବାସୀ ଙ୍କ ଧନ ଜୀବନ କୁ ଏଭଳି ବିଭତ୍ସ ଭାବରେ ହତାଦର ନକରିବାକୁ ଅନୁରୋଧ କରୁଛୁ।

*ଖୋର୍ଦ୍ଧା, (୭୩୭୦୬ ୭୫୫୬୨)*

# ବ୍ରେନ ଫଗ୍



ଡାକ୍ତର ସମ୍ରାଟ କର

ହଠାତ୍ ସକାଳୁ ସକାଳୁ ଶିଶିର ବାବୁ ମୋ କ୍ଲିନିକକୁ ଚାଲିଆସିଲେ। ତାଙ୍କ ବିଷନ୍ନ ଉଦାସ ଚେହେରା ମୋତେ କେଜାଣି କାହିଁକି ବ୍ୟସ୍ତ କରିଦେଲା। ମୁଁ ତାଙ୍କୁ ସବୁ କୁଶଳ ମଙ୍ଗଳ ପଚାରିବା ପରେ ସେ କହିଲେ ଯେ ମୋ ସାନ ଭାଇ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରେ। ଏବେ ସେ କେଜାଣି କାହିଁକି ଏହା ଭିତରେ ଭାରି ଉଦାସ ଓ ଚିଡ଼ଚିଡ଼ା ରହୁଛି। ଆପଣତ ଜାଣିଛନ୍ତି ସେ ପାଖାପାଖି ଗୋଟିଏ ବର୍ଷ ସଡ଼କ ଦୁର୍ଘଟଣା ପାଇଁ ଶଯ୍ୟାଶାୟୀ ଥିଲା ଯଦିଓ ଏବେ ଠିକ ଅଛି। ମୁଁ ତାଙ୍କୁ କହିଲି ଆପଣ ଏହାକୁ ସେପରି ଏକ ବଡ଼ ମାନସିକ ରୋଗ ବୋଲି ଭାବନ୍ତୁ ନାହିଁ। ବାସ୍ତବ କଥା ହେଉଛି ଶରୀରକୁ ସୁସ୍ଥ ରଖିବା ପାଇଁ ମନର ସୁସ୍ଥତା ବା ମସ୍ତିଷ୍କର କାର୍ଯ୍ୟ କ୍ଷମତା ଏକାନ୍ତ ଜରୁରୀ। ଯଦି ମସ୍ତିଷ୍କ ଠିକ ଭାବେ କାମ କରୁନାହିଁ, କୌଣସି ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି ତା'ହେଲେ ଏହା ବ୍ରେନ ଫଗର ଲକ୍ଷଣ ହୋଇପାରେ। ଅତ୍ୟଧିକ ଅବସାଦ ଏବଂ ଔଷଧର ଦୁଃପ୍ରଭାବ କାରଣରୁ ବ୍ରେନ ଫଗ ସମସ୍ୟା ଦେଖାଯାଏ। ଏହା ହେଉଛି ଏକ ମାନସିକ ସମସ୍ୟା ଏବଂ ଏଥିରେ ମତିଭ୍ରମ, ସ୍ମୃତିଶକ୍ତି ହ୍ରାସ, ଏକାଗ୍ରତା ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ୟସ ବଢ଼ିବା ସହିତ ବ୍ରେନ ଫଗ୍‌ରେ ପୀଡ଼ିତ ବ୍ୟକ୍ତି, ବିଭିନ୍ନ ପ୍ରକାର ଶାରୀରିକ ପରିବର୍ତ୍ତନ ଅନୁଭବ କରିଥାଏ। ଅନେକଙ୍କ କ୍ଷେତ୍ରରେ ଏହି ଲକ୍ଷଣ ବୃଦ୍ଧି ହୋଇ ମସ୍ତିଷ୍କ ଶାନ୍ତ ହୋଇଯାଏ, ଯାହାଦ୍ୱାରା ଚିନ୍ତା କରିବା ଓ ବୁଝିବା ଶକ୍ତି ହ୍ରାସ ପାଇଥାଏ। ବ୍ରେନ ଫଗର ଅନ୍ୟ ଏକ କାରଣ ହେଉଛି ଅତ୍ୟଧିକ ମାନସିକ ଚାପ। ମନ ଚାପଗ୍ରସ୍ତ ହେଲେ ରକ୍ତ ସଞ୍ଚାଳନ ଠିକ ଭାବେ ହୁଏନାହିଁ, ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ। ରକ୍ତଚାପ ଅସନ୍ତୁଳନ ହେବା ଦ୍ୱାରା ମସ୍ତିଷ୍କ ଶୀଘ୍ର ଥକ୍କା ଅନୁଭବ କରେ। ତେଣୁ ଚିନ୍ତା କରିବା ଓ ବୁଝିବା ଶକ୍ତି ହ୍ରାସ ପାଏ। ନିଦ ନ ହେବା, ପ୍ରୋଜେଷ୍ଟେରୋନ୍ ଓ ଏଷ୍ଟ୍ରୋଜନ ଭଳି ହରମୋନ ସ୍ତରରେ ଅସନ୍ତୁଳନ ଦେଖା ଦେବା ଏବଂ ଶରୀରରେ ଭିଟାମିନ ବି-୧୨ର ଅଭାବ ଦେଖାଦେଲେ ମଧ୍ୟ ବ୍ରେନଫଗ ସମସ୍ୟା ସୃଷ୍ଟି ହୋଇଥାଏ। ଏହା ଏକ ଜଟିଳ ମାନସିକ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସମ୍ଭବ। ପ୍ରାଥମିକ ସ୍ତରରେ ଏହାର ଚିକିତ୍ସା କରାନଗଲେ ଭବିଷ୍ୟତରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ କୌଣସି ବ୍ୟକ୍ତିଙ୍କ ଠାରେ ଏହାର ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଲେ, ମନୋଚିକିତ୍ସକଙ୍କ ସହିତ ସାକ୍ଷାତ କରିବା ଉଚିତ। ଚିକିତ୍ସକଙ୍କ ପରାମର୍ଶକୁ ମାନି ଚଳିବା, ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଓ ସୁନିଦ୍ରା ଦ୍ୱାରା ବ୍ରେନ ଫଗରୁ ଅନେକାଂଶରେ ମୁକ୍ତି ମିଳିପାରିବ। ଏ କ୍ଷେତ୍ରରେ ରୋଗୀଟିର ପରିଜନ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସେମାନେ ଡାକ୍ତରଙ୍କ ସହ ଯୋଗାଯୋଗ ରକ୍ଷା କରି ଚିକିତ୍ସା ତ୍ୱରାନ୍ୱିତ କରିବା ସହ ରୋଗୀଟି ଯେପରି ନିର୍ଦ୍ଧାରିତ ସମୟରେ ଖାଇବା, ପିଇବା ଠିକ ରଖେ ସେ ଦିଗ ପ୍ରତି ଯତ୍ନବାନ ହେବା ଜରୁରୀ। ଚିକିତ୍ସାଧୀନ ସମୟରେ ରୋଗୀଟି ଯେପରି କୌଣସି ନିଶାଦ୍ରବ୍ୟ, ମାଦକ ଦ୍ରବ୍ୟ ସେବନ ନକରେ ଏବଂ କୌଣସି ଘଟଣା ପାଇଁ ସେ ଯେପରି ଚିଡ଼ଚିଡ଼ା ନହୁଏ ସେ ଦିଗକୁ ଦେଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଆପଣ ମାନଙ୍କ ସଯତ୍ନ ଚିକିତ୍ସା ପଦ୍ଧତି ରହିଲେ ସେ ଆରୋଗ୍ୟ ହୋଇପାରିବେ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ଅନ୍ଧାରୀ ବିଜେ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରାଜା ବା ପ୍ରଶାସକ କୌଣସି ଅଘଟଣ କୌଣସି ସ୍ଥାନରେ ହେଲେ ଯଦି ଚର ଯାଇଁ ରାଜା ବା ପ୍ରଶାସନଙ୍କୁ ଖବର ଦିଅନ୍ତି ତେବେ ସେହି ଘଟଣାର ଖବରକୁ ଜଣଙ୍କ ଠାରୁ ଶୁଣି କେବେ ରାଜା ବା ପ୍ରଶାସକ କୌଣସି ପଦକ୍ଷେପ ନିଅନ୍ତିନାହିଁ। ଏପାଇଁ ରାଜା ଉଦ୍ଦିଷ୍ଟ ସ୍ଥାନକୁ ଅନ୍ଧାରୀ ବିଜେ କରିଥାନ୍ତି। ଅନ୍ଧାରୀ ବିଜେର ଅନେକ ପ୍ରକାର ଅର୍ଥ କରାଯାଇପାରେ। ଅନ୍ଧାର ଅର୍ଥାତ୍ ରାତ୍ରୀ ଅବେଳାରେ ଯେଉଁ ସ୍ଥାନକୁ ତଦନ୍ତ ପାଇଁ ଯିବେ ପୂର୍ବରୁ ସେ ଅଞ୍ଚଳ ଲୋକଙ୍କୁ ନଜଣାଇ ନିଜେ ନାଟକୀୟ ଢ଼ାଞ୍ଚାରେ ରୂପ ରେଖ ବଦଳାଇ ମାଗନ୍ତା ଭିକାରୀ ବିକଳାଙ୍ଗ ବିଦେଶୀ ପୋଷାକ ପରିଚ୍ଛଦରେ ପୁଣି ଜନମତ ବୁଝିବା ପାଇଁ ଚାଖଟି ସ୍ଥାନ, ପାନ ଦୋକାନ, ବାରିକ ଦୋକାନ, ଧୋବାଘର, ଗାଧୁଆ ତୁଠ ଆଦିରେ ଲୋକେ ନିଜ ମଧ୍ୟରେ ଘଟିଥିବା ଘଟଣା ବିଷୟରେ କଣ କଥାବାର୍ତ୍ତା ହେଉଛନ୍ତି ତାହା ଶୁଣିବା ପାଇଁ ଗସ୍ତ କରନ୍ତି। ଅନେକ ଚର ଘଟଣା ଘଟିବା ସ୍ତର ପକ୍ଷ ମାନଙ୍କ ଠାରୁ କିଛି ଆଦାୟ କରି ତାକୁ ଭିନ୍ନ ରୂପ ଦେଇ ରାଜକାର୍ଯ୍ୟ ଟାଳଟୁଳରେ ସମାଧାନ କରିପାରନ୍ତି। ପୁଣି ନ୍ୟାୟର ମାର୍ଗକୁ ଭିନ୍ନ ଭିନ୍ନ ପର୍ଯ୍ୟାୟ ଲଗାଇ ଦୋଷୀକୁ ଖଲାସ ବାଟ କରିଥାଇ ପାରନ୍ତି। ପୁଣି ପ୍ରକୃତ ନ୍ୟାୟ ଖୋଜୁଥିବା ଲୋକକୁ ଠକିବା କାମ କରିପାରନ୍ତି। ଏଣୁ ପ୍ରତି ରାଜା ପ୍ରଶାସନ ଚର ପ୍ରକ୍ରିୟାକୁ ପାହ୍ୟା ପାହ୍ୟା କରି ଏକକୁ ନଜଣାଇଁ ଅନ୍ୟକୁ ତାର ପିଛା ଲଗାଇଥାନ୍ତି। ଯେମିତି ଏବେ ଭିଜିଲାନ୍ସ ବିଭାଗ କ୍ରାଇମ ବ୍ରାଞ୍ଚ ପରି ସଂସ୍ଥା। ଲୋକଙ୍କୁ ଶାନ୍ତିରେ ରଖିବା ପାଇଁ ସଂକଳ୍ପ ନେଇଥିବା ପ୍ରଶାସନ ନେତା ମନ୍ତ୍ରୀ ଅଧିକାରୀ ସତ୍ୟାନୁସନ୍ଧାନୀ ହେଲେ ତାଙ୍କୁ ପ୍ରକୃତରେ ଅନ୍ଧାରୀ ବିଜେ ହେବା ନିହାତି ଦରକାର। ରାମାୟଣରେ ଅଛି ଲଙ୍କା ଆକ୍ରମଣ ପାଇଁ ଶ୍ରୀରାମ କିଷ୍କିନ୍ଧା ନରପତି ସୁଗ୍ରୀବଙ୍କ ସେନାଙ୍କ ଛାଉଣୀ କରିଛନ୍ତି ଏଇ କଥାର କଳନା ପାଇଁ ଶୁକ ସାରଣ ଦୁଇଜଣ ମନ୍ତ୍ରୀଙ୍କୁ ଚର ରୂପେ ପଠାଇଥିଲେ ହେଲେ ତାଙ୍କର ଦତ୍ତ ଖବର ଠିକ କି ଭୁଲ ତଦାରଖ ପାଇଁ ରାବଣ ପୁଷ୍ପକ ଯାନରେ ଆକାଶରେ ରହି ସେନା କଳନା କରିଥିଲେ। ଶ୍ରୀରାମ ଚନ୍ଦ୍ର ଅଯୋଧ୍ୟାର ସିଂହାସନରେ ବସିବାପରେ ଏମିତି ଏକ ଗୁଜବ ପ୍ରଚାର ଲୋକଙ୍କ ଭିତରେ ମୃଦ୍ୟୁ ଗୁଞ୍ଜନ କରିବା ଶୁଣି ଏକ ଧୋବା ଦମ୍ପତିଙ୍କ କଥୋପକଥନ ଶୁଣି ରାଜବିଧି ଲଗାଇ ନିଜର ପ୍ରାଣପ୍ରିୟା ସୀତାଙ୍କୁ ଗର୍ଭ ଅବସ୍ଥାରେ ଜଙ୍ଗଲରେ ଲକ୍ଷ୍ମଣ ଦ୍ୱାରା ବର୍ଜନ କରିଥିଲେ। ଶାସ୍ତ୍ରୀଙ୍କ ତାସକେଣ୍ଟରେ ଦହୋନ୍ତ ନେତାଜୀଙ୍କର ଅର୍ନ୍ତଧାନ, ଇନ୍ଦିରାଗାନ୍ଧୀଙ୍କର ହତ୍ୟା, ରାଜୀବ ଗାନ୍ଧୀଙ୍କ ହତ୍ୟାରୁ କଣ ସରକାରୀ ଅଧିକାରୀ କିଛି ଶିକ୍ଷା କରୁନାହାନ୍ତି।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା



ଡକ୍ଟର ବାୟାମନୁ ଚର୍ଚ୍ଚି

ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଏକ ଶାସନାଧୀନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ, ରୟତ ଆନ୍ଦୋଳନ, ନାଟ୍ୟ ଆନ୍ଦୋଳନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପ୍ରଚାର ଓ ପ୍ରସାର ତଥା ଗରିବ ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନରେ ସହାୟତା ଆଦି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାରଳାଖେମୁଣ୍ଡି ପରିଚ୍ଛାମଠର ମଠାଧୀଶ ଆପନ୍ନା ପରିଚ୍ଛା । ଜନ୍ମ ତା.୧୬.୨.୧୮୭୯ । ପିତା ଲକ୍ଷ୍ମୀ ନାରାୟଣ ପରିଚ୍ଛା ଏବଂ ମାତା ରତ୍ନମଣି ଦେବୀ । ସେ ଆବାଲ୍ୟରୁ ଶାନ୍ତ, ସୌମ୍ୟ ଓ ନମ୍ର । ଆପନ୍ନାଙ୍କ ପୂର୍ବପୁରୁଷ ଥିଲା କାଳିଆ ପଣ୍ଡା । ଆପନ୍ନା ମାଧ୍ୱ ଗୌଡୀୟ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଶୁଦ୍ଧପୂତ ଜୀବନଯାପନ କରୁଥିଲେ । ବୈଷ୍ଣବ ସାହିତ୍ୟ ଅଧ୍ୟୟନ, ଭଜନ, କୀର୍ତ୍ତନରେ ସେ ଅପାର ଆନନ୍ଦ ପାଉଥିଲେ । ସେ ଥିଲେ ଜଣେ ସାଧୁ, ସଂଭ୍ରାନ୍ତ, ଶିକ୍ଷିତ ଓ ମାର୍ଜିତ ସ୍ୱଭାବ ସଂପନ୍ନ ବ୍ୟକ୍ତି । ବ୍ରିଟିଶ ଶାସନ କାଳରେ ସେ ଅବୈତନିକ ବେଞ୍ଚ ମାଜିଷ୍ଟ୍ରେଟ୍ ଭାବେ ୫ ବର୍ଷରୁ ଅଧିକ କାଳ ପାଇଁ ନିଯୁକ୍ତି ପାଇଥିଲେ।

ଇଂରେଜ ଶାସନକାଳରେ ଅଣଓଡ଼ିଆଙ୍କ ବିଶେଷ ପ୍ରାଦୁର୍ଭାବ ହେତୁ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନେ ନାନା ନିର୍ଯାତନା ଭୋଗୁଥିଲେ । ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଥିଲା । ଅଣଓଡ଼ିଆମାନେ ବିଭିନ୍ନ ସରକାରୀ ପଦପଦବୀରେ ଥିଲେ । ଗଂଜାମ ଥିଲା ମାଡ୍ରାସ୍ ପ୍ରେସିଡେନ୍‌ସିରେ । ଖଲ୍ଲିକୋଟ ରାଜାଙ୍କ ରମ୍ଭା ରାଜପ୍ରାସାଦରେ ରାଜା ହରିହର ମର୍ଦ୍ଦରାଜଙ୍କର ପୁତ୍ର ରାମଚନ୍ଦ୍ରଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚି ରହିବ, ସେ ସଂପର୍କରେ ଆଲୋଚନା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ ଦାସ । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ । ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ପୁରୀଠାରେ ୧୯୧୩ ମସିହା ଡିସେମ୍ବର ୩୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା ଏବଂ ପାରଳାର ଅନ୍ୟତମ ପ୍ରତିନିଧି ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଯୋଗଦାନ କରିଥିଲେ । ଉଭୟେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ କରିବା ପାଇଁ ଆଲୋଚନା କରି ଅଧିବେଶନରେ ଗୋରାଚାନ୍ଦ ବିଧିବଦ୍ଧ ପ୍ରସ୍ତାବ ଦେଲେ । ସମର୍ଥନ କଲେ ଆପନ୍ନା । ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଆପନ୍ନା ପରିଚ୍ଛା ପୁରୀରୁ ଫେରିଲା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ତା. ୭.୪.୧୯୧୪ରେ ସାକ୍ଷାତ୍ କରି ଏହା ଜଣାଇଲେ । ମହାରାଜା ପ୍ରସନ୍ନ ହେଲେ । ପ୍ରକାଶଯୋଗ୍ୟ ଯେ, ୧୯୧୩ ଏପ୍ରିଲ ୨୬ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗାଦିପ୍ରାପ୍ତ ହୋଇଥିଲେ । ଡିସେମ୍ବର ୨୫ ଓ ୨୬ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ବଦଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଦେଲେ । ମହାରାଜାଙ୍କ ଅତିଶୟ ଆଗ୍ରହ, ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ମନୋଭାବ ତଥା ଦୃଢ଼ତା ଲକ୍ଷ୍ୟ କରି କୁଳବୃଦ୍ଧ ମଧୁସୂଦନ ଦାସ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ଏହି ଅଧିବେଶନରେ ସଫଳତା ପାଇଁ ଆପନ୍ନା ପରିଚ୍ଛା ପୂର୍ଣ୍ଣ ସମର୍ପିତ ଥିଲେ । ଆପନ୍ନା ପରିଚ୍ଛା ଗଂଜାମର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ସଂପର୍କ ସ୍ଥାପନ କରି ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ହେଲେ । ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ 'ୟଙ୍ଗ୍ ଉତ୍କଳ ଏସୋସିଏସନ୍'ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ 'ଉତ୍କଳ ହିତୈଷିଣୀ'ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ । 'ଉତ୍କଳ ହିତୈଷିଣୀ ସମାଜ' ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା । ପାରଳାଖେମୁଣ୍ଡି ଅଞ୍ଚଳରୁ ସେ ଥିଲେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଦସ୍ୟ । ସେ ୧୯୧୨ ଡିସେମ୍ବର ମାସ କଲିକତା କଂଗ୍ରେସର ମହାଧିବେଶନ, ୧୯୨୩ ଡିସେମ୍ବର କାକିନଡ଼ା କଂଗ୍ରେସ ଅଧିବେଶନରେ ବ୍ୟକ୍ତିଗତ ଖର୍ଚ୍ଚରେ ଯୋଗଦାନ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ଗୋପବନ୍ଧୁ ବହୁବାର ପରିଚ୍ଛାମଠକୁ ଆସିଥିଲେ। ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ୧୯୨୭ ମସିହା ଡିସେମ୍ବର ୩ ତାରିଖ ଦିନ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ। ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ସଭାରେ ୧୦ ସହସ୍ର ଲୋକ ଉପସ୍ଥିତ ଥିଲେ । ପରିଚ୍ଛା ମଠକୁ ଓଡ଼ିଶାର ସ୍ୱନାମଧନ୍ୟ ଜନନେତା, ସଂଗ୍ରାମୀମାନେ ବହୁବାର ଆସୁଥିଲେ । କୁଳବୃଦ୍ଧ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଅନନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ, ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀବତ୍ସ ପଣ୍ଡା ଆଦି ସେମାନଙ୍କ ମଧ୍ୟରେ ଥିଲେ ।

ଆପନ୍ନା ପରିଚ୍ଛା ଥିଲେ ଜଣେ ସାହିତ୍ୟ ସ୍ରଷ୍ଟା । ତାଙ୍କ ସୃଷ୍ଟି ମଧ୍ୟରେ ବିଜୟ ବସନ୍ତ ନାଟକ, ଗୋଷ୍ଠ ମିଳନ ନାଟକ, ନବଲୀଳା ବିଳାସ ନାଟକ ପ୍ରକାଶିତ । ଅପ୍ରକାଶିତ ଐତିହାସିକ ନାଟକ- ଚନ୍ଦ୍ରହାସ, ସନ୍ଧି ଉପସନ୍ଧି, ଚଞ୍ଚଳା କୁମାରୀ, କନୌଜ କୁମାରୀ, ହେମଚନ୍ଦ୍ର, ସ୍ୱର୍ଣ୍ଣଲତା ଏବଂ ପୌରାଣିକ ନାଟକ- ସୀତା ବନବାସ, ବିଲ୍ୱମଙ୍ଗଳ, ମାନଭଂଜନ, ହେମଲତା, ରାଧାକୃଷ୍ଣ ପ୍ରଣୟ ଓ ରଘୁନାଥୋପାଖ୍ୟାନ । ପରିଚ୍ଛା ପରିବାରର ନେତୃତ୍ୱ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଦକ୍ଷିଣ ପଶ୍ଚିମ ମୁଣ୍ଡରେ ପ୍ରତିଷ୍ଠିତ ହୋଇଥିଲା ଓଡ଼ିଶାର ପ୍ରଥମ ରଂଗମଞ୍ଚ । ଏହି ରଙ୍ଗମଞ୍ଚରେ ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ନାଟକ ମଞ୍ଚସ୍ଥ ହେଉଥିଲା । 'ବିପଟଲାଲ' କମ୍ପାନୀର ଅନେକ ନାଟକ ଏଠାରେ ଅଭିନୀତ ହୋଇଛି । ପରବର୍ତ୍ତୀ ସମୟରେ ଏହି ରଙ୍ଗମଞ୍ଚର ନାମ ପରିବର୍ତ୍ତନ ହୋଇ 'ପଦ୍ମନାଭ ରଙ୍ଗାଳୟ' ନାମରେ ନାମିତ ହୋଇଛି । ଆପନ୍ନାଙ୍କ ରଚିତ ନାଟକ ଏଠାରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଏଠାରେ ପରିବେଷିତ ହେଉଥିବା ନାଟକ ଏତେ ଲୋକପ୍ରିୟ ଥିଲା ଯେ, ସ୍ୱୟଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରୁଥିଲେ । ମଞ୍ଜୁଷା, ସୁରଙ୍ଗୀ, ବୁଢ଼ାରସିଂହ, ଖଲ୍ଲିକୋଟର ରାଜାମାନେ ତଥା ଜାତୀୟ କାର୍ଯ୍ୟରେ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ନାଟକକୁ ଉପଭୋଗ କରୁଥିଲେ । ଆପନ୍ନା ପରିଚ୍ଛାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ରଙ୍ଗମଞ୍ଚର ନାମ ଥିଲା 'ବୈଷ୍ଣବାନନ୍ଦ ଦାୟିନୀ ସଭା' ବା 'ବୈଷ୍ଣବାନନ୍ଦ ଦାୟିନୀ ସମାଜ' ବା 'ରସିକରାଜ ପ୍ରାସାଦୈକ ନାଟକ ସଂଘ' । ପ୍ରକାଶ କରିବା ପ୍ରାସଙ୍ଗିକ ହେବ ଯେ, ସମାଜ/ ସଭା ଏହି ସମୟରେ ନାଟ୍ୟସଂଘ ଭାବେ ଗ୍ରହଣୀୟ ଥିଲା । ଆପନ୍ନା ପରିଚ୍ଛାଙ୍କ ଧର୍ମାଚାରଣ ପ୍ରତି ନିଷ୍ଠା ଓ ଅନୁରାଗ, ସଚ୍ଚୋଟତା, କର୍ମ ଦକ୍ଷତାକୁ ହୃଦୟଙ୍ଗମ କରି ବଡ଼ ରାଧାକାନ୍ତ ମଠର ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ୧୯୧୫ ଜାନୁଆରୀ ୮ ତାରିଖ ଦିନ ଟେକେଲୀ, ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଥିବା ଆଠଗୋଟି ମଠ ସହ ମନ୍ଦିର, ଭୂସଂପତ୍ତି, ଜଳାଶ୍ରୟ, ଜଙ୍ଗଲ ଆଦିର ମାଲିକାନା ତାଙ୍କୁ ପ୍ରଦାନ କରିଥିଲେ । ଦକ୍ଷିଣ ଓଡ଼ିଶାର ମୁଖ୍ୟ ଶୈବପୀଠ ମୁଖଲିଙ୍ଗମ୍, ଟେକେଲୀ ମଠ, ତରଳା ଗଡ଼ ମଠ, ମହାଦେଇପୁର ମଠ (ଏସବୁ ମଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି) ଆଦିର ପରିଚାଳନା ପାଇଁ ମଧ୍ୟ ସେ କ୍ଷମତାପତ୍ର ପ୍ରଦାନ କରିଥିଲେ । 'ମଠସ୍ଥ ଛାତ୍ର ନିଳୟ' ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଅଞ୍ଚଳର ସମସ୍ତ ଅନୁଷ୍ଠାନରେ ଥିବା ଗରିବ ମେଧାବୀ ଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିଥିଲେ । ସ୍କୁଲ ଫି ମଧ୍ୟ ଅନୁଦାନ କରୁଥିଲେ । ୧୯୧୬ ଜୁନ୍ ୧୬ ତାରିଖ ଦିନ ମୁକ୍ତାପୁର ଠାରେ ପ୍ରଥମ ପଲ୍ଲୀ ସମ୍ମିଳନୀ କରି ଶୈକ୍ଷିକ ସଂଗଠନ ପ୍ରତି ଧ୍ୟାନ ଦେଲେ ଆପନ୍ନା ପରିଚ୍ଛା ଏବଂ ନିଜ ଅଞ୍ଚଳରୁ ଛାତ୍ରମାନଙ୍କୁ ଶିକ୍ଷାଲାଭ ନିମନ୍ତେ ସତ୍ୟବାଦୀ ବନ ବିଦ୍ୟାଳୟକୁ ପ୍ରେରଣ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ପାଣ୍ଠି ମଧ୍ୟ ସେ ସଂଗ୍ରହ କରି ପ୍ରଦାନ କରିଛନ୍ତି । ସମଗ୍ର ଗଂଜାମ ଜିଲ୍ଲାରୁ ଅନେକ ଛାତ୍ର ପରିଚ୍ଛା ମଠରେ ରହି, ପାଠ ପଢ଼ି ମଣିଷ ହୋଇଥିଲେ । ଶିକ୍ଷାର ପ୍ରସାର ଓ ଓଡ଼ିଆମାନଙ୍କ ଜ୍ଞାନ ବିବର୍ଦ୍ଧନ ପାଇଁ 'ଉତ୍କଳ ଭାଷା ବିବର୍ଦ୍ଧିନୀ ସଭା'ର ମଧ୍ୟ ସେ ନେତୃତ୍ୱ ନେଇଥିଲେ । ସେ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ପୌର ପରିଷଦର ଉନ୍ନତି କାମନା କରି ଦୀର୍ଘକାଳ ଯାଏଁ ସଦସ୍ୟ ଥିଲେ । ବୈଷ୍ଣବ ଧର୍ମୀ ହେଲେ ବି ଜୈନଧର୍ମ ପ୍ରତି ତାଙ୍କର ନିଷ୍ଠା ଓ ଆଗ୍ରହ ଥିଲା । ୧୯୦୭ ଡିସେମ୍ବର ୩୦ ତାରିଖରେ ପରେଶନାଥ ମନ୍ଦିରରେ ଅନୁଷ୍ଠିତ ଏକାଦଶ ଜୈନ ଶ୍ୱେତାମ୍ବର ସମ୍ମିଳନୀରେ ଯୋଗଦାନ କରିଥିଲେ । ଏହି ମହାତ୍ମା, ଅମୃତ ସନ୍ତାନ ୧୯୩୯ ଜୁଲାଇ ୨୪ ତାରିଖରେ ଇହଲୀଳା ସମ୍ବରଣ କଲେ।

*ନିଗମ ନଗର, ୫ମ ଲେନ୍*
*ସଂପ୍ରସାରଣ*
*ବ୍ରହ୍ମପୁର (ଗଂଜାମ) ପିନ୍-୭୬୦୦୧୦*
*୮୮୯୫୧୨୯୮୯୭ (ମୋ)*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ୱଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଚ଼ଢେଇବର ଗ୍ରାମର ନଦୀବନ୍ଧ ନିକଟରେ ବିଶ୍ୱ ପରିବେଶ ଦିବସ ପାଳନ ଓ ବୃକ୍ଷ ରୋପଣ



ବାଲିଅନ୍ତ,(ପି.ଏନ) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରେହିତପୁର ଗ୍ରାମପଞ୍ଚାୟତର ଚ଼ଢେଇବର ନଦୀବନ୍ଧ ନିକଟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୩ ପାଳିତ ହୋଇଯାଇଛି । ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଏକ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଓ ଚ଼ାରା ରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ପ୍ରତାପଶାସନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ କାଳନ୍ଦି ଚ଼ରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଓଡିଆ ଚ଼ଳଚ଼୍ଚ଼ିତ୍ର ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ, ଯୁବସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ଟ୍ରଷ୍ଟି ଗୋବିନ୍ଦ ବେହେରା ଓ ବିଶିଷ୍ଟ ପାଲା ଗାୟକ ସୁକାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନ ସମାଜରେ ବିଶ୍ୱର ପରିବେଶ ସନ୍ତୁଳିତ ରଖିବା ଓ ଜୀବଜଗତ ବଞ୍ଚିରହିବା ପାଇଁ ବ୍ୟାପକ ପରିମାଣର ବୃକ୍ଷ ରୋପଣ ର ଆବଶ୍ୟକତା ରହିଛି ବୋଲି ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼୍ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ରେଙ୍କକ୍ଟଶ୍ଚ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷଶ୍ଚ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ୍' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷଶ୍ଚ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଶ୍ଚ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ଜାତୀୟ ପତକା ଅର୍ଦ୍ଧନମିତ କରାଗଲା

ଜୟପୁର, (ପି.ଏନ): ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଥିବା ବିରାଟ ଜାତୀୟ ପତକାକୁ ଅର୍ଦ୍ଧନମିତ କରାଯାଇଛି। ଗତକାଲି ବାଲେଶ୍ୱରର ବାହାନଗା ଠାରେ ଭୟଙ୍କର ରେଳ ଦୁର୍ଘଟଣାରେ ଅଦ୍ୟାବଧି ୨୬୧ ଜଣଙ୍କ ମୃତ୍ୟୁ ଘଟିଛି। ୯ ଶହରୁ ଉର୍ଦ୍ଧ୍ୱ ଆହାତ ହୋଇଛନ୍ତି । ଏନେଇ ରାଷ୍ଟ୍ରିୟ ଶୋକ ଘୋଷଣା କରାଯାଇଛି । ଏନେଇ ଜାତୀୟ ପତକାକୁ ଆଜି ଅର୍ଦ୍ଧନମିତ କରାଯାଇଛି । ଏଥିପାଇଁ କୌଣସି ସରକାରି ଉତ୍ସବ ପାଳନ ନ କରିବାକୁ ନିର୍ଦ୍ଦେଶ ଆସିଛି । ଏନେଇ ଆଜି ଜୟପୁରରେ ଲାଗିଥିବା ବିରାଟ ଜାତୀୟ ପତକାକୁ ଅର୍ଦ୍ଧନମିତ କରାଯାଇଛି ।




# ଦ୍ୱିତୀୟ ରଜ ମହୋତ୍ସବ-୨୦୨୩ ପାଳନ ଉପଲକ୍ଷେ ହୀରାପୁର ମହାମାୟା ୬୪ ଯୋଗିନୀ ନିକଟରେ ସାମ୍ବାଦିକ ସମ୍ମିଳନୀ



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତର ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ୬୪ ଯୋଗିନୀ ମେଳଣ ପଡ଼ିଆରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ରଜ ମହୋତ୍ସବ -୨୦୨୩ ପାଳନ ଉପଲକ୍ଷେ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୧୪ ତାରିଖ ଦିନ ଯଶୁଆପୁର ଖେଳ ପଡ଼ିଆ ଠାରେ ଦୋଳି ଖେଳ, ପୁଚ଼ିଖେଳ, ଓ ମିୟୁଜିକ ଚେୟାର ଅନୁଷ୍ଠିତ ସହିତ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପଶୁ ନୃତ୍ୟ ଗଞ୍ଜାମ କଳାକାରଙ୍କ ଦ୍ୱାରା ପରିବେଷିତ ହେବ । ୧୫ ଓ ୧୬ ତାରିଖ ମହାମାୟା ପୀଠରେ ରଜସଜବାଜ, ଝୋଟି, ଓ କୁଇଜ୍ ପ୍ରତିଯୋଗିତା କରାଯିବ । ସର୍ବାଧିକ ପାଇଥିବା ନମ୍ବର ଆଧାରରେ ରଜର ବୋହୂ ଓ ରଜର ରାଣୀ ମନୋନୟନ କରାଯାଇ ବିଜେତାଙ୍କୁ ପ୍ରତ୍ୟକ ଯଥାକ୍ରମେ ୫ ହଜାର ଟଙ୍କା ରାଶି ୧୬ ତାରିଖରେ ଅଥିତିଙ୍କ ଦ୍ୱାରା ଘୋଷଣା କରାଯାଇ ପ୍ରଦାନ କରାଯିବ । ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ନାମୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ, ଗୀତ ଓ ନାଚ଼ କାର୍ଯ୍ୟକ୍ରମ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବେକ୍ତିମାନଙ୍କୁ ସମ୍ମାନୀତ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚ଼ନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ସମାଜସେବୀ ରଂଜନ ମହାପାତ୍ର, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ଟ୍ରଷ୍ଟି ଗୋବିନ୍ଦ ବେହେରା, ସମାଜସେବୀ ମନମୋହନ ମିଶ୍ର ଓ ବ୍ରଜକିଶୋର ଠାକେର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗାମୀ ନିର୍ବାଚନ ପରିବାରବାଦ୍ ବନାମ ସାଧାରଣଜନତା ହେଉ

ବଲାଙ୍ଗିର, (ପି.ଏନ):ଓଡ଼ିଶାର ରାଜନୀତି ବଡ ବିଚିତ୍ର ସ୍ଥିତିରେ ରହିଛି । ବହୁତ ବଡ଼ ବଡ଼ ଦୁର୍ନୀତି ଘଟଣାବଳୀ, ଚାଂଚଲ୍ୟକର ଅଘଟଣ ଘଟିଥିବା ସତ୍ୱେ ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ଧରି ଗୋଟିଏ ଦଳର ଶାସନ ଚାଲିଛି । ପ୍ରତୀୟମାନ ହେଉଛି ସତେ ଯେମିତି ଓଡ଼ିଶାରେ ବିରୋଧୀ ଦଳର କିଛି ସ୍ଥିତି ନାହିଁ । ଜନସାଧାରଣଙ୍କ ଅନେକ ସମସ୍ୟା ଅସମାହିତ ହୋଇ ପଡ଼ିଥିବା ସତ୍ୱେ ତଥା ଦେଶର ଅର୍ଥନୈତିକ ମାନଚିତ୍ରରେ ରାଜ୍ୟ ବହୁତ ତଳେ ଥିବା ସତ୍ୱେ ସେଭଳି କିଛି ଆଖିଦୃଶିଆ ଜନ ଆନ୍ଦୋଳନ ଦୃଷ୍ଟିଗୋଚର ହେଉନାହିଁ । ଶାସନ ବ୍ୟବସ୍ଥା ବିରୁଦ୍ଧରେ ପ୍ରବଳ ଜନମତ ଥିବା ସତ୍ୱେ ତାହା ନିର୍ବାଚନରେ ପ୍ରତିଫଳିତ ହେଉନାହିଁ । ଅନ୍ୟପକ୍ଷରେ ରାଜ୍ୟର ପ୍ରମୁଖ ବିରୋଧୀ ଦଳୀୟ ନେତାମାନେ ନିଜ ନିଜର ପୁଅ / ଝିଅ ମାନଙ୍କ ପାଇଁ ବିଜେଡ଼ିରେ ଟିକଟ କରାଇବାରେ ବ୍ୟସ୍ତ ଥିବା ଭଳି ଜଣାପଡୁଛି ।କୋଶଳାଂଚଳର ଅବସ୍ଥା ଆହୁରି ଶୋଚନୀୟ । ଦେଶର ସର୍ବାଧିକ ଉଗ୍ର ଆଂଚଳିକ ବୈଷମ୍ୟର ଶିକାର ହୋଇଥିବା ଏ ଅଂଚଳ ଐତିହାସିକ ଛାତ୍ର ଆନ୍ଦୋଳନ, କୃଷକ ଆନ୍ଦୋଳନ, ବିସ୍ଥାପନ ବିରୋଧି ଆନ୍ଦୋଳନ, ଆଦିବାସୀ ଆନ୍ଦୋଳନ ପାଇଁ ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ବିଗତ ୩ ଦଶକ ଧରି କ୍ରମାଗତ ଭାବରେ ସ୍ୱତନ୍ତ୍ର କୋଶଳରାଜ୍ୟ ପାଇଁ ଆନ୍ଦୋଳନ ଚାଲି ଆସିଥିଲା । ହାଇକୋର୍ଟ ବେଂଚ ପାଇଁ ଲଗାତାର ଭାବରେ ଆଇନଜୀବୀ ଆନ୍ଦୋଳନ ବ୍ୟବସ୍ଥାକୁ ସ୍ଥାଣୁ କରି ଦେଇଥିଲା । କିନ୍ତୁ, ଆଜି ସେସମସ୍ତ ଆନ୍ଦୋଳନ ଇତିହାସ ହୋଇଯିବାକୁ ବସିଲାଣି । ଅନ୍ୟପକ୍ଷରେ ଅନାହାର ମୃତ୍ୟୁ, ଦାଦନ ସମସ୍ୟା, ବେକାରୀସମସ୍ୟା, ଚାଷୀ ଆତ୍ମହତ୍ୟା, ଶିଶୁ / ମାତୃ ମୃତ୍ୟୁହାର ବୃଦ୍ଧି ସମସ୍ୟାରେ ଜର୍ଜରିତ ଏ ଅଂଚଳ ଆଜି ହତାଶା ଭିତରେ ରହିଛି । ଅବସ୍ଥା ଏଭଳି ସଂଗୀନ ଯେ ଭୟଙ୍କର କରୋନା ସମୟରେ ଏ ଅଂଚଳରେ "ବନ୍ଦେ ଉତ୍କଳ ଜନନୀ"କୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେଇଦେବା ସତ୍ୱେ ରାଜ୍ୟବାଦୀ ସଂଗଠକଙ୍କ ଛଡ଼ା ଆଉ କେହି ପ୍ରତିବାଦ କଲେ ନାହିଁ । କୋଶଳାଂଚଳ ନିର୍ବାଚିତ ପ୍ରତିନିଧିମାନେ କେବଳ ନିଜର ତଥା ନିଜ ପରିବାରର ସ୍ଥିତି, ପ୍ରତିପତି ଓ ସମ୍ପତି ପାଇଁ ତତ୍ପରଶୀଳ, ଅଂଚଳ ପାଇଁ ନୁହେଁ । ଅବିଭକ୍ତ ବଲାଙ୍ଗିର ଜିଲ୍ଲା ଯାହାକି ଏକ ଲୋକସଭା ନିର୍ବାଚନ ମଣ୍ଡଳୀ ତା'ର ସ୍ଥିତି ଆହୁରି ସଂଗୀନ ଅଟେ । ଦେଶର ସର୍ବାଧିକ ଦାଦନ ପ୍ରବଣ ଏ ଅଂଚଳରେ ରାଜ୍ୟର ସର୍ବାଧିକ ଧନୀ ରାଜନୈତିକ ପରିବାରମାନେ ଶାସନ କରୁଛନ୍ତି । ଜନସେବା ଓ ପରିବର୍ତନର ଆହ୍ୱାନ ଦେଇ ରାଜନୀତି କରୁଥିବା ଏହି ପରିବାରମାନେ ବଜାରରେ ଚାଲିଥିବା ସବୁବ୍ୟବସାୟର ମାଲିକାନା ରଖିଛନ୍ତି । ଏମାନଙ୍କ ପାଇଁ ବ୍ୟବସାୟ ଉତରଣର ଏକ ମାଧମ ମାତ୍ର । ଦିଶାହୀନ ଜନତା, ସ୍ଥାଣୁ ବୁଦ୍ଧିଜୀବୀ ଓ ଆତ୍ମପ୍ରଚାର ଓ ସ୍ଥିତି ଖୋଜୁଥିବା ସଂଗଠକମାନଙ୍କ ସୁବିଧାବାଦର ସୁଯୋଗ ନେଇ ଏହି ରାଜନୈତିକ ପରିବାରମାନେ ମୁଷ୍ଟିମେୟ ଚାଟୁକାର ଓ ବ୍ୟବସାୟିକ ଦଲାଲମାନଙ୍କ ମାଧ୍ୟମରେ ରାଜନୈତିକ କ୍ଷମତାକୁ ଦଖଲ କରିବା ସହ ତାଙ୍କର ପରିବାରର ପ୍ରତିପତି ଓ ସମ୍ପତି ବଢ଼ାଇ ଚାଲିଛନ୍ତି । ଫଳତଃ ବଲାଙ୍ଗିରର ଅବସ୍ଥା ରସାତଳକୁ ଯିବାରେ ଲାଗିଛି । ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ରାଜନୀତିକୁ ୩ଟି ପର୍ଯ୍ୟାୟରେ ନିଆଯାଇ ପାରେ ୧୯୫୦ରୁ ୧୯୮୦ ପର୍ଯ୍ୟନ୍ତ ଏକ ପର୍ଯ୍ୟାୟ । ୧୯୮୦ ରୁ ୧୯୯୦ ପର୍ଯ୍ୟନ୍ତ ଏକ ପର୍ଯ୍ୟାୟ । ୧୯୫୦ରୁ ୧୯୮୦ ମଧ୍ୟରେ ବଲାଙ୍ଗିର ଜିଲ୍ଲାର ରାଜନୀତି ସଂପୂର୍ଣ୍ଣରୂପେ ପେଲେସ ଦ୍ୱାରା କବଳିତ ଥିଲା । ଅବସ୍ଥା ଏଭଳି ଥିଲା ଯେ, ରାଜ ପରିବାର କର୍ମଚାରୀମାନେ ମଧ ରାଜନେତାର ମର୍ଯ୍ୟାଦା ପାଇ ଯାଉଥିଲେ । ୧୯୮୦ ରୁ ୧୯୮୯-୯୦ ଏହି ଦଶବର୍ଷ କଂଗ୍ରେସ ଶାସନ ଚାଲିଲା । ଏହି ସମୟରେ କିଛି ନିର୍ମାଣ କାର୍ଯ୍ୟ ହୋଇଥିଲେ ମଧ ଦୁର୍ନୀତି ଓ ଗୁଣ୍ଡାମୀର ପ୍ରବଳ ଅଭିଯୋଗ ନେଇ କ୍ରମାଗତ ଭାବରେ ଜନ ଆନ୍ଦୋଳନ ଓ ଛାତ୍ର ଆନ୍ଦୋଳନ ହେବାରୁ ପ୍ରଥମେ ୧୯୮୯ ଲୋକସଭା ନିର୍ବାଚନରେ ଓ ପରେ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଗଲା । ତାପରେ ଆରମ୍ଭ ହେଲା ଏକ ନୂଆ ରାଜନୀତି । ରାଜପରିବାର ସହ ସମତାଳ ଦେଇ ଅନ୍ୟ ରାଜନୈତିକ ପରିବାରମାନେ ମଧ ରାଜନୀତିରେ ଆବିର୍ଭାବ ହେଲେ । ଅବସ୍ଥା ଏଭଳିହେଲା ଯେ ଏହି ପରିବାରମାନଙ୍କ ପାଇଁ ଦଳ ଆଦର୍ଶ କିମ୍ବା ନୀତିର କିଛି ମର୍ଯ୍ୟାଦା ରହିଲା ନାହିଁ । କ୍ଷମତା ଓ ବ୍ୟବସାୟ ହିଁ ଏମାନଙ୍କ ସର୍ବସ୍ୱ ହୋଇଗଲା । ରାଜନୀତିର ଦୂରାବସ୍ଥା ଏଭଳି ହୋଇଛି ଯେ, କ୍ଷମତା ରାଜନୀତିର ପେଣ୍ଡୁଲମ୍ ଏହି ପରିବାରମାନଙ୍କ ମଧ୍ୟରେ ହିଁ ଦୋହଲୁଛି ।

# ଅସୁରେଶ୍ୱରରେ ଫାଣ୍ଡି ଖୋଲିବା ପାଇଁ ଅହେତୁକ ବିଳମ୍ବ : ଆଇଜିପିଙ୍କୁ ଭେଟିଲେ ବାସିନ୍ଦା

ସାଲେପୁର, (ପି.ଏନ):ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ଠାରେ ଏକ ନୂତନ ଫାଣ୍ଡି ଖୋଲିବା ପାଇଁ ୨୦୨୧ ମସିହାରେ ପୋଲିସ ବିଭାଗର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଅଂଚଳ ବାସିନ୍ଦା ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଇତି ମଧ୍ୟରେ ୨୮ମାସ ବିତିଯାଇଥିଲେ ମଧ ଫାଣ୍ଡି ଖୋଲିବା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ଦିନକୁ ଦିନ ଏ ଅଂଚଳରେ ଅପରାଧ ବଢିବାରେ ଲାଗିଥିବାରୁ ଜନସାଧାରଣରେ ଧନଜୀବନ ଓ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଏଠାରେ କିଭଳି ଯଥାଶୀଘ୍ର ଏକ ଫାଣ୍ଡି ପ୍ରତିଷ୍ଠା କରାଯିବ ସେ ନେଇ ସ୍ଥାନୀୟ ଅଂଚଳର ବାସିନ୍ଦା ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ନିକଟରେ ଆବେଦନ କରିଥିଲା ବେଳେ କଟକସ୍ଥିତ ଆରକ୍ଷୀ ମହାନିରୀକ୍ଷକ(ଆଇ.ଜି.ପି.)ଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ସାକ୍ଷାତ କରି ପୁନର୍ବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବ୍ଲକ ମଧ୍ୟରେ ଅସୁରେଶ୍ୱର ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏହାର ଚର୍ତୁପାର୍ଶ୍ୱରେ ଥିବା କଟିକଟା, କେଂଟାଳୋ, ତରତ, କେରିଲୋ, ଜମରା ଆଦି ପଂଚାୟତର ଲୋକମାନଙ୍କର ସୁବିଧା ଅସୁବିଧା ନିମନ୍ତେ ଏହା ଉପରେ ନିର୍ଭର କରିଥାଆନ୍ତି । ଅସୁରେଶ୍ୱର ଠାରେ ଏକ ବହୁ ପୁରାତନ ସରକାରୀ ହାଇସ୍କୁଲ, ଉପଡାକଘର, କଲେଜ, ବ୍ୟାଙ୍କ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଳସେଚନ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସର୍ବୋପରି ଦୁଇଟି ପ୍ରସିଦ୍ଧ ଧର୍ମପୀଠ ଦଧିବାମନଜୀଉ ମନ୍ଦିର ଓ ରଘୁନାଥଜୀଉ ମନ୍ଦିର ଏବଂ ଏକ ମସଜିଦ୍ ଅବସ୍ଥିତ । ଏହାଛଡା ଏଠାରେ ଥିବା ବଜାରରେ ୩୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକ ଏଠାରେ ଚଳପ୍ରଚଳ ହୋଇଥାଆନ୍ତି । ଏହା ଯଦିଓ ନିଶ୍ଚିନ୍ତକୋଇଲି ଥାନା ଅଧିନରେ ରହିଛି ତଥାପି ଥାନାଠାରୁ ଏହାର ଦୂରତା ୧୧ କି.ମି.ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି । ଏଠାରେ ଯଦି କୌଣସି ଅପ୍ରିତିକର ଘଟଣା ସୃଷ୍ଟି ହୁଏ ତାହାହେଲେ ପୋଲିସ ବହୁ ବିଳମ୍ବରେ ଏଠାରେ ପହଂଚୁଥିବାରୁ ଘଟଣାକୁ ଆୟତ କରିବା ସମ୍ଭବପର ହୁଏନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅତୀତରେ ଏଠାରେ ଗୁଳିକାଣ୍ଡ, ବୋମା ବିସ୍ଫୋରଣ, ଦୋକାନ ଓ ଅଫିସ ପୋଡି, ଲୁଟ୍, ଚୋରୀ, ଛିନ୍ତାଇ ଭଳି ଘଟଣା ଘଟିଥିଲା ବେଳେ ଚୋରାରେ ବ୍ୟାପକ ନିଶାଦ୍ରବ୍ୟ କାରବାର ମଧ ଚାଲିଛି । ଏହାଛଡା ପ୍ରତ୍ୟେକ ଦିନ ଦୁଇଟି ପ୍ରସିଦ୍ଧ ଧର୍ମପୀଠକୁ ବହୁ ମାନସିକଧାରୀ ଭକ୍ତମାନେ ଆସି ପୂଜାର୍ଚ୍ଚନା କରୁଥିଲେ ମଧ ବିଭିନ୍ନ ସମୟରେ ବିଶୃଙ୍ଖଳିତ ପରିସ୍ଥିତି ଉପୁଜୁଛି । ଏଭଳି ଅପରାଧିକ କାର୍ଯ୍ୟକୁ ଆୟତ କରିବା ପାଇଁ ୨୦୧୮ ମସିହାରୁ ଏଠାରେ ଦୁଇ ଜଣ କନେଷ୍ଟବଲଙ୍କୁ ମଧ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ବର୍ତମାନ ଏହାକୁ ବନ୍ଦ କରାଯାଇଛି । ଯାହାଦ୍ୱାରା ଏ ଅଂଚଳରେ ଅପରାଧିକ ମାମଲା ବଢି ଚାଲିଥିଲା ବେଳେ ଗତ ୧୫ ଦିନ ତଳେ ଏଠାରେ ଘଟିଥିବା ମାରପିଟ୍ ଓ ଦୁଷ୍କର୍ମ ଘଟଣାର ମାମଲା ରୁଜୁ ହୋଇଥିଲେ ମଧ ଅଦ୍ୟାବଧି ପୋଲିସ କାହାରିକୁ ଗିରଫ କରି ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ଅଂଚଳରେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଏକ ଫାଣ୍ଡି ନଚେତ୍ ବିଟ୍ ହାଉସ ଖୋଲିବା ପାଇଁ ସ୍ଥାନୀୟ ସରପଂଚ ଗୌତମୀ ଦାସ, ବରିଷ୍ଠ ନାଗରିକ ରାଜକୁମାର ବେହେରା, ନିରଞ୍ଜନ ସାହୁ, ସାମ୍ବାଦିକ ସୀତାନାଥ ସିଂ, ଯୁବନେତା ଅନନ୍ତ କୁମାର ଦାସ, ବିଦ୍ୟାଧର ଦାସ, ଗୋବିନ୍ଦ ପ୍ରସାଦ ସିଂ, ସଂଜୟ ବେହେରାଙ୍କ ସମେତ ଏ ଅଂଚଳ ବାସିନ୍ଦା ଆରକ୍ଷୀ ମହାନିରୀକ୍ଷକ ଆଶିଷ କୁମାର ସିଂଙ୍କ ନିକଟରେ ଦାବି କରିଛନ୍ତି ।

# ୱାର୍ଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର

ଭୁବନେଶ୍ୱର,(ପି.ଏନ) : ଆଜି ବିଶ୍ୱ ପରିବେଶ ଦିବସ ଲୋକ ସେବା ସଦନ ରେ ପାଳନ କରାଯାଇଥିଲା ଏହି କାର୍ଯ୍ୟ କ୍ରମ କୁ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଭିଡିଓ ଭର୍ଚୁଆଲ ରେ ଉଦ୍‌ଘାଟନ କରିଥିଲେ , ମାନ୍ୟବର ମନ୍ତ୍ରୀ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ପଞ୍ଚାୟତି ରାଜ ଓ ପାନୀୟ ଜଳ ସୁଚ଼ନା ଲୋକ ସମ୍ପର୍କ ଓଡିଶା ସରକାର ଶ୍ରୀଯୁକ୍ତ ପ୍ରଦୀପ ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୭୩ ଟା ଅନୁଷ୍ଠାନ କୁ ପ୍ରକୃତି ମିତ୍ର ପୁରସ୍କାର ରେ ସମ୍ମାନିତ କରିଥଲେ । ବ୍ରହ୍ମ ଗିରି ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦୀର୍ଘ ଦିନ ଧରି ବୃକ୍ଷ ରୋପଣ ମିଶନ ୧ ଲକ୍ଷ ଓ ପରିବେଶ ଉପରେ ବ୍ରହ୍ମଗରି ବ୍ଲକ୍ ଅଞ୍ଚଳ ରେ କାର୍ଯ୍ୟ କରିଆସୁ ଅଛି , ପ୍ରକୃତି ମିତ୍ର ପୁରସ୍କାର ୨୦୨୩ ଚ଼ୟନ ପ୍ରକ୍ରିୟା ରେ ସାମିଲ୍ ପରେ ଆଜି ରାଜ୍ୟ ସରକାର ଙ୍କ ତରଫ ରୁ ମାନ୍ୟ ବର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ଅମାତ ୱାର୍ଡ଼ ଅନୁଷ୍ଠାନ ର ସମ୍ପାଦକ ଶ୍ରୀଧର ପରିଡ଼ା ଙ୍କୁ ପ୍ରକୃତି ମିତ୍ର ପୁରସ୍କାର ରେ ସମ୍ମାନୀତ କରିଥଲେ । ଏହି କାର୍ଯ୍ୟ କ୍ରମରେ ବିଭାଗୀୟ ସଚ଼ିବ ଉପସ୍ଥିତ ଥିଲେ ।



# ଭିଆଇପି ଛକ ଫପସିରୁ ୬ କ୍ୱିଂଟାଲ ୩୦ କେଜି ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ : ଜଣେ ଗିରଫ

ବଲାଙ୍ଗିର, (ପି.ଏନ): ଗତକାଲି ୬୩ ଲକ୍ଷ ଟଙ୍କାର ୬ କ୍ୱିଂଟାଲ ୩୦ କେଜି ଗଞ୍ଜେଇ କାରବାର ଧରିବାକୁ ବଲାଙ୍ଗିର ଅବକାରୀ ବିଭାଗ ସଫଳ ହୋଇଛି। ବଲାଙ୍ଗିର ଅବକାରୀ ବିଭାଗ ଅଧିକ୍ଷକଙ୍କ ସୂଚନା ମୁତାବକ, ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ । ବଲାଙ୍ଗିର ଜିଲ୍ଲା ଦେଇ ଅନେକ ସମୟରେ ଗଞ୍ଜେଇ ଚୋରାଚାଲାଣ କରାଯାଉ ଥିବା ଦେଖାଯାଉଛି । ବୌଦ୍ଧ, ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାରୁ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ତୁଷୁରା ଓ ବଲାଙ୍ଗିର ସହର ଦେଇ ବାହାର ରାଜ୍ୟକୁ ବିପୁଳ ପରିମାଣରେ ଗଞ୍ଜେଇ ଚୋରାଚାଲାଣ କରାଯାଉଛି । ଅବକାରୀ ବିଭାଗ ଓ ପୋଲିସ ବିଭାଗ ବିଭିନ୍ନ ସମୟରେ ଚଢଉ କରି ଗଞ୍ଜେଇ ଚୋରାଚାଲାଣକୁ ରୋକିବାକୁ ଚେଷ୍ଟା ଚଳାଇଛି ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Tuesday June 06, 2023 ଭୁବନେଶ୍ୱର ମଙ୍ଗଳବାର, ଜୁନ ୦୬,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com ୮

# ବିଶ୍ୱ ପରିବେଶ ଦିବସ ପାଳନ: ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଖଣ୍ଡଗିରି ଓ ଉଦୟଗିରି ରେ ପ୍ଲାଷ୍ଟିକ ବର୍ଜ୍ୟ ର ସଫେଇ



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ଜୁନ ୫ ତାରିଖ ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଲା ଲୋକଙ୍କ ମଧ୍ୟରେ ପରିବେଶକୁ ସୁରକ୍ଷିତ କରିବାଲାଗି ସଚେତନତା ସୃଷ୍ଟି କରିବା । ଏହି ବର୍ଷର ବିଷୟବସ୍ତୁ ହେଲା ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା । ପ୍ଲାଷ୍ଟିକର ବହୁଳ ବ୍ୟବହାର ଆମ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ବିଶ୍ୱରେ ଏବେ ୮.୩ ବିଲିଅନ ଟନ ପ୍ଲାଷ୍ଟିକ ଅଛି, ସେଥିରୁ ୬.୩ ବିଲିଅନ ଟନ କେବଳ ବର୍ଜ୍ୟ । ପୃଥିବୀରୁ ନିର୍ଗତ ହେଉଥିବା ଗ୍ରୀନହାଉସ ଗ୍ୟାସ ର ୩.୪% ହେଉଛି ପ୍ଲାଷ୍ଟିକ ଜନିତ । ବିଶ୍ୱରେ ପ୍ରତି ମିନିଟରେ ୨ ନିୟୁତ ପ୍ଲାଷ୍ଟିକ ବ୍ୟାଗ ବ୍ୟବହୃତ ହେଉଛି । ୭୩% ସମୁଦ୍ର ଉପକୂଳର ଅଳିଆ କେବଳ ପ୍ଲାଷ୍ଟିକ । ଭରତରେ ପ୍ରତିବର୍ଷ ୩.୪ ନିୟୁତ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି, ଏଥିରୁ କେବଳ ୩୦ ପ୍ରତିଶତ ପୁନଃପ୍ରକ୍ରିୟା କରଣ କରାଯାଉଅଛି ।ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ସ୍ୱ ?ଚ୍ଛାସେବୀ ସଂଗଠନ ପିପୁଲସ୍ କଲଚ଼ରାଲ ସେଣ୍ଟର (ପିକକ୍) ଦ୍ୱାରା ଗଠନ କରାଯାଇଥିବା ଇକୋସେଭର୍ସ ଯୁବଗୋଷ୍ଠିର ସଦସ୍ୟ ସଦସ୍ୟା ମାନେ ଖଣ୍ଡଗିରୀ ଓ ଉଦୟଗିରୀ ଐତିହାସିକ ପୀଠସ୍ଥଳୀରେ ସକାଳେ ପ୍ଲାଷ୍ଟିକ, ପଲିଥିନ ବର୍ଜ୍ୟବସ୍ତୁ ଆଦିକୁ ସଫା କରିଥିଲେ ଓ ବିଶ୍ୱ ପରିବେଶ ଦିବସର ମହତ୍ତ୍ୱ କୁ ଲୋକଙ୍କୁ ବୁଝାଇଥିଲେ । ଏହି ଉପଲକ୍ଷେ ଅପରାହ୍ନରେ ପିକକ୍ ଓ ଇକୋସେଭର୍ସ ଯୁବଗୋଷ୍ଟି ମାନଙ୍କ ଦ୍ୱାରା ଏକ ଓ୍ୱେବିନାରର ମଧ ଆୟୋଜନ କରଯାଇଥିଲା । ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହି ଓ୍ୱେବିନାର ପ୍ରାରମ୍ଭିକ ଭାଷଣ ଦେଇ ଏହି ଓ୍ୱେବିନାର ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ, ପ୍ଲାଷ୍ଟିକ ବିଶ୍ୱ ପରିବେଶ ପାଇଁ ଏକ ବଡ ବିପଦ ରୂପେ ଉଭହେଇଛି ଓ ଏହାକୁ ରୋକିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଶେଷକରି ଯୁବଗୋଷ୍ଠି ଏ ସମ୍ପର୍କରେ ସଚେତନ ହେବା ଉଚ଼ିତ ବୋଲି ସେ ନିଜର ମତ ରଖିଥିଲେ । ପିକକ୍ ର ଇକୋସେଭର୍ସ ଯୁବଗୋଷ୍ଠିର ରାଜ୍ୟସଭାପତି ସ୍ମୃତି ରଞ୍ଜନ ପ୍ରଧାନ ଏହି ଓ୍ୱେବିନାରରେ ସ୍ୱାଗତ ଭାଷଣ ଦେଇ ଏହି ସଭାର ପରିଚ଼ାଳନା କରିଥିଲେ । ବୈତରଣୀ ଇନିସିଏଟିଭର ପରିବେଶବିତ ଦୀପକ କୁମାର ମିଶ୍ର ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ତଥା ଏହାକୁ ରୋକିବାର ଉପାୟ ସମ୍ପର୍କରେ ଆଲୋଚ଼ନା କରିଥିଲେ । ବିଶେଷଜ୍ଞ ରୁବି ରାଉତ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାରେ ଯୁବଗୋଷ୍ଟି ମାନଙ୍କର ଭୂମିକା ସମ୍ପର୍କରେ ବିଶେଷଭାବେ ଆଲୋଚ଼ନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିକକ୍ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ମଧ ଯୁବଗୋଷ୍ଟିଙ୍କୁ ପରିବେଶ ପାଇଁ କାର୍ଯ୍ୟ କାଇବାପାଇଁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଇକୋସେଭର୍ସ ଯୁବଗୋଷ୍ଠିର କୀର୍ତ୍ତି ବେହେରା, ସ୍ମୃତି ରଞ୍ଜନ ପ୍ରଧାନ, ସୁବାଷ ଓ ଅନ୍ୟାନ ସଦସ୍ୟ ମାନେ ନିଜର ସଫଳ କାହାଣୀ କହିଥିଲେ । ଶେଷରେ କେନ୍ଦୁଝରର ସୁବାଷ ଚ଼ନ୍ଦ୍ର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଶ୍ୱ ପରିବେଶ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ପ୍ରଦୁଷଣ ବନ୍ଦ କରିବା ପାଇଁ ପିକକ୍ ପକ୍ଷରୁ ଶିଶୁ, ଯୁବଗୋଷ୍ଟି ଓ ମହିଳା ମାନଙ୍କ ଦ୍ୱାରା ସଭା, ଚ଼ିତ୍ରାଙ୍କନ, ବୃକ୍ଷରୋପଣ, ଆଦି କରାଯାଇ ସଚେତନତା ର ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପିକକ୍ ର ଅଞ୍ଜନା ଦାସ, ସତ୍ୟନାରାୟଣ ମହନ୍ତ, ଉପମା ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ବାମଦେବ ଜେନା ଆଦି ପରିଚ଼ାଳନା କରିଥିଲେ ।

# ମିଳିତ ଅମଲା ମଂଚ ପକ୍ଷରୁ ଶୋକସଭା

ଜୟପୁର,(ପି.ଏନ); ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଜୟପୁର ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ଭାଇ ଭଉଣୀ ସରକାର ସେମାନଙ୍କ ଏକ ମାତ୍ର ଦାବି ଦିର୍ଘ ୬ ବର୍ଷ ପରେ ମଧ ଯେହେତୁ ବର୍ତମାନ ସୁଦ୍ଧା ପୁରଣ କରି ନାହାନ୍ତି ସେମାନେ ଦିର୍ଘ ୩ ଦିନ ଧରି ସମୁହ ଛୁଟିରେ ରହିବା ସହିତ କାର୍ଯ୍ୟ ବନ୍ଦ କରିଛନ୍ତି । ବାଲେଶ୍ୱର ବାହାନଗାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପାଇଁ ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଆଜି ଧାରଣାର ତୃତୀୟ ଦିନରେ ସମସ୍ତ ଅମଲା ମାନେ ଶୋକସଭା କରିଛନ୍ତି । ୨ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରିବା ସହ ଶାନ୍ତିପୁର୍ଣ୍ଣ ଧାରଣା ଦେଇଥିଲେ ।

# ୱାଇଏମ୍‌ସିଏ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ) : ୱାଇଏମ୍‌ସିଏ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ଲାଷ୍ଟିକ୍‌କୁ ବର୍ଜନ କରିବା ସହ ପ୍ରଦ୍ୟୁଷଣ ମୁକ୍ତ ସମାଜ ଗଠନ କରିବା । ବାହାନଗା ଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଏବଂ ଆହତ ହୋଇଥିବା ସମସ୍ତଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ୱାଇଏମ୍‌ସିଏର ଅଚ୍ୟୁତ ରାଉତ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ । ସାମସନ ସାହୁ, ରାହୁଲ ନାୟକ ଏବଂ ଅଶୋକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ୫ଜଣ ଯୁବକ ଯୁବତୀ ପ୍ଲାଷ୍ଟିକ୍‌ମୁକ୍ତ ସମାଜ ଗଠନ ପାଇଁ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ୱାଇଏମ୍‌ସିଏର ବୋର୍ଡ ସଭ୍ୟ ଅସିମ ଦାସ ସଚେତନତା ସୃଷ୍ଟି ସହ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନରେ ପ୍ରାଧାନ୍ୟ ଦେଇଥିଲେ । ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପ୍ଲାଷ୍ଟିକ୍ ଯୋଗୁଁ ଆଜି ପରିବେଶ ପ୍ରଦ୍ୟୁଷିତ ହେବା ସହ ଜନସାଧାରଣମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଆଜିର ଦିନରେ ସମସ୍ତେ ଶପଥ ନେବା ପ୍ରତ୍ୟେକ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରି ପରିବେଶକୁ ସବୁଜ ସୁନ୍ଦର ଓ ସର୍ବାଙ୍ଗ କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିବା ।

# ଆଦାନି ଧାମରା ପୋର୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଧାମରା, (ପି.ଏନ): ଆଦାନି ଗ୍ରୁପର ସିଏସ୍‌ଆର୍ ବିଭାଗ ଆଦାନି ଫାଉଣ୍ଡେସନ ପକ୍ଷରୁ ପୋର୍ଟ ପାରିପାର୍ଶ୍ୱରେ ଥିବା ୪୬ଟି ସରକାରୀ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଗୋଷ୍ଠୀ ସମୁଦାୟ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । 'ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ' ଥିଲା ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସର ଅନୁଚିନ୍ତା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଦାନି ଫାଉଣ୍ଡେସନର ଉତ୍‌ଥାନ ସହାୟକମାନଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରଯାଇଥିଲା । ଏକ ସବୁଜ ପରିବେଶ ସୃଷ୍ଟି କରିବା ଓ ପ୍ରଦୂଷଣକୁ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଚାରାରୋପଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରି ଆଦାନି ଫାଉଣ୍ଡେସନ ଏହି ଅଞ୍ଚଳର ଜୈବ ବିବିଧତାର ପୁର୍ନରୁଦ୍ଧାର ଏବଂ ସଂରକ୍ଷଣରେ ସହଯୋଗ କରିବା ଦିଗରେ କାର୍ଯ୍ୟ କରିଆସୁଅଛି । ବୃକ୍ଷରୋପଣର ମହତ୍ତ୍ୱ ଓ ପ୍ଲାଷ୍ଟିକ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଉତ୍‌ଥାନ ସହାୟକମାନେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି । ସିଙ୍ଗଲ ୟୁଜ୍‌ଡ୍ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରି ପୁନଃବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ଏହି କାର୍ଯ୍ୟକ୍ରମକୁ ବର୍ଷ ତମାମ ଜାରି ରଖିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ଆଦାନି ଫାଉଣ୍ଡେସନ ସାମାଜିକ ବିକାଶ ଓ ପରିବେଶ ସୁରକ୍ଷା ପାଇଁ ସର୍ବଦା ଉତ୍ସର୍ଗୀକୃତ । ବିଶ୍ୱ ପରିବେଶ ଦିବସ ପାଳନ କରିବା ଭଳି ବିଭିନ୍ନ ସମୟରେ ପରିବେଶ ଉପଯୋଗୀ ପଦକ୍ଷେପ ମାଧ୍ୟମରେ ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇପାରିଛି ।

# ଦୃଷ୍ଟିବିସ୍ତାର ୭ x ୧' ଚ଼ିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ





ଭୁବନେଶ୍ୱର,(ପି,ଏନ): ବାଲେଶ୍ୱର ସ୍ଥିତ ଓଡିଶା ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ରେ 'ଦୃଷ୍ଟିବିସ୍ତାର ୭ x ୧' ନାମକ ୭ଜଣ ଚ଼ିତ୍ରଶିଳ୍ପୀ ମାନଙ୍କ ଦ୍ୱାରା ମିଳିତ ଚ଼ିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି ଓ ଏହି ପ୍ରଦର୍ଶନୀକୁ ବାଲେଶ୍ୱର ର ଜିଲ୍ଲାପାଳ ମାନ୍ୟବର ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧ ଓ ବାଲେଶ୍ୱର ଚ଼ାରୁ ଓ କାରୁକଳା ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ନିକୁଞ୍ଜ ବିହାରୀ ଦାସ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଉଦଘାଟନ କରିଛନ୍ତି ଓ ଏହି ପ୍ରଦର୍ଶନୀ ର ପ୍ରତିଭାଗୀ ଚ଼ିତ୍ରଶିଳ୍ପୀ ମାନେ ହେଲେ ଶ୍ରୀ ଆକାଶ ଶ୍ରୀଚ଼ନ୍ଦନ ରାମ, ଅର୍‌ଚ଼ନା ଜେନା, ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା, ମାନସ ଦାସ, ମନୋଜ ଷଣ୍ଢ, ପ୍ରଦୀପ୍ତ କିଶୋର ଦାସ ଓ ରଘୁନାଥ ଜେନା ସମସ୍ତ ୭ଜଣ ଚ଼ିତ୍ରଶିଳ୍ପୀ ଉତ୍ତର ଓଡିଶା ର କେନ୍ଦ୍ର ବାଲେଶ୍ୱର ସହିତ ପ୍ରତକ୍ଷ୍ୟ ବା ପରୋକ୍ଷ ରେ ଜଡିତ ଓ ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିଳ୍ପୀ ଓଡିଶା ବାହାରେ ପ୍ରତିଷ୍ଠିତ ଓ ବାଲେଶ୍ୱର ର ସମସାମୟିକ କଳା ଓ ସଂସ୍କୃତି କୁ ନୂତନ ଦିଗ୍‌ଦର୍ଶନ ଦେବା ଓ ଶିଳ୍ପୀ ମାନେ ନିଜ ନିଜର ସୃଜନାତ୍ମକ କଳା କୁ ବାଲେଶ୍ୱର ବାସୀଙ୍କ ନିକଟରେ ପ୍ରଦର୍ଶିତ କରିବା ଏହି ପ୍ରଦର୍ଶନୀ ର ଲକ୍ଷ୍ୟ ଓ ଏହି ପ୍ରଦର୍ଶନୀ ଟି ଏକ ମିଳିତ ପ୍ରଦର୍ଶନୀ ହେଲେ ମଧ ସମସ୍ତଙ୍କ ର ସ୍ୱତନ୍ତ୍ରତା ବେଶ ବାରିହେଇ ପଡୁଛି ଓ ଏହି ପ୍ରଦର୍ଶନୀ କୁ ଆର୍ଟ ଗେଲେରୀର ପରିଚ଼ାଳନା ଦାୟିତ୍ୱରେ ଥିବା ଚ଼ିତ୍ରଶିଳ୍ପୀ ଶ୍ରୀ ମରୁତ କୁମାର ରାଉତ ପୁର୍ଣ୍ଣ ସହଯୋଗ କରିଥିଲେ ଓ ଉଦ୍ଘାଟନି ଉତ୍ସବ ରେ ବହୁ ବିଜ୍ଞ ବ୍ୟକ୍ତି, କଳାକାର, କଳାପ୍ରଶଂସକ, ସୃଜନଶୀଳ ରେ ରୁଚ଼ି ରଖୁଥିବା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ଓ ସେମାଙ୍କ ମଧ୍ୟରେ ଡ଼ଃ ଶିରୀଶ ଚ଼ନ୍ଦ୍ର ଜେନା, ତୈାରୀ ବେହେରା, ଆଲ୍ଲାସରିତା ଦାସ, ଦେବାଶିଷ ପତି, ଲିପ୍ସିତା ଖଟୁଆ, ବ୍ରଜ ସରଙ୍ଗୀ, ଅଲେଖ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ଓ ପ୍ରଦର୍ଶନୀ ଜୁନ ୮ ତାରିଖ ପର୍ଯ୍ୟନ୍ତ, ସକାଳ ୧୧ଟା ରୁ ସନ୍ଧ୍ୟା ୭ ତା ପର୍ଯନ୍ତ ଖୋଲା ରହିବ ଓ ଏହି ପ୍ରଦର୍ଶନୀ ର କଳାକୃତି ଦେଖିଲେ ମନେହୁଏ ଏହା ସମ୍ପୂର୍ଣ୍ଣ ଓ ସ୍ୱତନ୍ତ୍ର ଅଟେ ଓ ସମସ୍ତ ଶିଳ୍ପୀ ମାନଙ୍କ ର କ୍ୟାନଭାସ ଉପରେ ପରିପ୍ରକାଶ କରିବାର ଶୈଳୀ ସ୍ୱତନ୍ତ୍ର ଓ ଉଚ଼କୋଟିର ଅଟେ ଓ ସମସ୍ତେ ସମସାମୟିକ ସମାଜରେ ଆମ ଚ଼ାରିପାଖରେ ନୀତିଦିନ ଘଟୁଥିବା ଘଟଣାକୁ ବେଶ ସୁନ୍ଦର ଭାବରେ ଚ଼ିତ୍ରିତ କରିବାରେ ସମର୍ଥ ହୋଇପାରିଛନ୍ତି ଓ ଆକାଶ ଶ୍ରୀଚ଼ନ୍ଦନ ପ୍ରକୃତି ର ରୁପକୁ ଅତି ନିଖୁଣତାର ସହିତ ରଙ୍ଗକୁ ସ୍ୱତନ୍ତ୍ର ଶୈଳୀରେ ପ୍ରୟୋଗ କରିଥିବା ବେଳେ ଅନ୍ୟତମ ନାରୀଚ଼ିତ୍ର ଶିଳ୍ପୀ ଅର୍‌ଚ଼ନା ଜେନା ନାରୀ ଭିତରେ କଳା ଓ ସଂସ୍କୃତି କୁ ପତିଫଳିତ କରିଛନ୍ତି ଓ ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା ସାମ୍ପ୍ରତିକ ସମାଜ ରେ ନାରୀର ମନସ୍ତତ୍ତ୍ୱ କୁ ୱାସ ଟ୍‌ୱେଚ଼ନିକ ରେ ଜଳରଙ୍ଗକୁ ପ୍ରୟୋଗ କରି ଛବି କୁ ଚ଼ିତ୍ରିତ କରିଛନ୍ତି ଓ ମାନସ ଦାସ ଜଣେ ସ୍ୱତନ୍ତ୍ର ଶିଳ୍ପୀ ହୋଇଥିଲେ ମଧ ତାଙ୍କର କ୍ୟାନଭାସ ଉପରେ ସମାଜ ର ବିଭିନ୍ନ ଘଟଣା କୁ ପତିଫଳିତକରିବାରେ ବେଶ ସଫଳ ହୋଇପାରିଛନ୍ତି ଓ ମନୋଜ କୁମାର ଷଣ୍ଢ ବର୍ତ୍ତମାନ ସମୟରେ ପ୍ରତିଟି ମଣିଷ ଓ ଜୀବଜନ୍ତୁ କିଭଳି ମୋବାଇଲ ଟାୱାର ର ବିପଦଜନକ ରେ ଦ୍ୱାରା କବଳିତ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଛନ୍ତି ଓ ପ୍ରଦୀପ୍ତ କିଶୋରେ ଦାସ ନିଜର ସ୍ୱତନ୍ତ ଶୈଳୀ ରେ ସମାଜ ର ସମସ୍ୟା କୁ ଦର୍ଶାଇବା ସହିତ ଗାନ୍ଧିଜୀଙ୍କ ଅହିଂଶା ନୀତି, ଜେ ପ୍ରାଣୀଜଗତ ପାଇଁ ବାୟୁର ଭୁମିକା କୁ ଅତିବାସ୍ତବବାଦ କନସେପ୍ଟ ରେ ଚ଼ିତ୍ରିତ କରିଛନ୍ତି ଓ ରଘୁନାଥ ଜେନା ନିଜ ଚ଼ିତ୍ରରେ ଶିଶୁ ମନସ୍ତତ୍ତ୍ୱ ଉପରେ ସୁନ୍ଦର ରଙ୍ଗ ଓ ରେଖା ର ପରିପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray